# ମିଶରପୁତ୍ରୀ

ଉତ୍କଳ ସଂଘ ଲାଇବ୍ରେରୀ
ନଂ..........
ତା..........



ଜନ-ସାହିତ୍ୟ ପ୍ରକାଶନ

# ଶଷପୁତ୍ରୀ

ରସାନନ୍ଦ ସାହୁ

ପ୍ରକାଶକ—

**ଜନ-ସାହିତ୍ୟ ପ୍ରକାଶନ**

ଗଙ୍ଗାମନ୍ଦର, କଟକ—୧

୨ୟ ସଂସ୍କରଣ

ଫେବୃୟାରୀ—୧୯୫୭

**ଏକଟଙ୍କା**

ମୁଦ୍ରକ—

**କୃଷକ ପ୍ରେସ, କଟକ—୧**

—ଏକ—

ମସଜିଦ୍ ଗଳି ।

ପାଞ୍ଚହାତ ଓସାରର ଏକ ସନ୍ତସନ୍ତିଆ ମାଟି ରାସ୍ତା । ସ୍ଥାନ
ଶେଷରେ ରାସ୍ତାଟିର ପରିସର ଦେଢ଼ ହାତ ବି ହେବ ।
ଇ କଡ଼ରେ କଚ୍ଚା ନର୍ଦ୍ଦମା ଭିତରେ ଅନାଦି କାଳରୁ ପାଣି
ଓ ମାଟି ପଚି ପଚି କଳା ପଡ଼ିଗଲାଣି । ମଶା, ମାଛି, ଲଙ୍ଗୁଳି
ପୋକ ଓ ଜୋକ ପ୍ରଭୃତି ସୃଷ୍ଟିକର୍ତ୍ତାଙ୍କର ଅସରନ୍ତି ସୃଷ୍ଟିର
ହା ଏକ ପୁଣ୍ୟ ମିଳନକ୍ଷେତ୍ର । ସୂର୍ଯ୍ୟଦେବ ତାଙ୍କର ପ୍ରଖର
ରଣ ଜାଲ ଦ୍ୱାରା ଜଗତର ସମସ୍ତ ବିଷାକ୍ତ ପୂତିଗନ୍ଧ ନିଃଶେଷ
ରି ହଜମ କରି ପାରୁଥିଲେ ସୁଦ୍ଧା ମସଜିଦ୍‌ଗଳିର ଏହି ପଚ
ର୍ଦ୍ଦମା ନିକଟରେ ସେ ପରାଜୟ ସ୍ୱୀକାର କରିଛନ୍ତି ।

ନର୍ଦ୍ଦମାର ଗୋଟିଏ ପାଖରେ ଏକ ସନ୍ତସନ୍ତିଆ କଳା ପଚ
ଟିର ରାସ୍ତା, ଅପର ପାଖରେ ହାତେ ଓସାରର ଖଣ୍ଡେ ମାଟି
ଣ୍ଡା ବା ମାଟି କାନ୍ଥ । ଏହିସବୁ ପିଣ୍ଡା ବା କାନ୍ଥ ଖଣ୍ଡିଏ ଖଣ୍ଡିଏ
ଟି ଖୁଣ୍ଟି ନିର୍ମିତ ନଡ଼ା ଛପର ଘରର ଅଂଶ ବା ଅଙ୍ଗ ବିଶେଷ ।
ଗଟି ଲମ୍ବରେ ଯେତେଦୂର ପର୍ଯ୍ୟନ୍ତ ଯାଇଛି ସେତେଦୂର ଘର
ର ଦୁଇ କଡ଼ରେ ବୋଧହୁଏ ଏହି ଧରଣର ଘରଗୁଡ଼ିକ
ଖିବାକୁ ମିଳେ ।

ଏହି ଘର ଗୁଡ଼ିକରେ କେତେକ ଅସ୍ତଗାମୀ ବାରବିଳାସି
ବାସ କରନ୍ତି । ଗୋଟିଏ ଗୋଟିଏ ଘରେ ପାଞ୍ଚଠାରୁ ଦ
ପର୍ଯ୍ୟନ୍ତ । ସମାଜପତିମାନେ ଏମାନଙ୍କର ଜୀବନର ସବୁ ର
ନିପୁଡ଼ି ପିଇ ସାରିବା ପରେ ପରିଶେଷରେ ଏହି ମସଜିଦ୍ ଗଳିରେ
ଆଣି ଥୁଡ଼ି ଯାଇଛନ୍ତି । ଜୀବନ ସଂଗ୍ରାମରେ ଏମାନେ ସାମାଜି
ମୂଲ୍ୟ ହରାଇ ଏଠାରେ ଆସି ନାରୀର ଉଚିତ ପାଉଣା ସେହି
ସମାଜପତିଙ୍କଠାରୁ ଆଦାୟ କରୁଛନ୍ତି । ତେଣୁ ହିନ୍ଦୁ ଜନତାର
ଶ୍ରୀକ୍ଷେତ୍ରର ପୁଣ୍ୟ ବଡ଼ଦାଣ୍ଡ ପରି କଟକର ବିଖ୍ୟାତ ମସଜିଦ୍ ଗଳି
ମଧ୍ୟ ଆମ ସମାଜର ଏକ ପବିତ୍ର ତୀର୍ଥ ସ୍ଥଳ ।

ଫାଲ୍‌ଗୁନର ଏକ ମଧୁର ଜ୍ୟୋସ୍ନା ସନ୍ଧ୍ୟାରେ କାଳ
ମନ୍ଦିରରେ ଦର୍ଶନ ସାରି, ବାଲୁବଜାରର ବୁଲଣି ରାସ୍ତାରେ
ନ ଯାଇଁ ସହଳ ଘରେ ପହଞ୍ଚିବା ଆଶାରେ ମନୋଜ ଏହି
ମସଜିଦ୍ ଗଳି ବାଟରେ ଫେରୁଥିଲା । ବ୍ରିଟିଶ ଯୁଗର ନମକ ସଚ
ପ୍ରଭୁ ଅନୁରକ୍ତ, ରାୟବାହାଦୁର ପଦବୀ ଅଲଙ୍କୃତ ଦୁର୍ଦ୍ଦ
ଡ଼. ଏସ୍. ପି. ରାଧାମାଧବ ଦାସଙ୍କ ପୁତ୍ର ମନୋଜ ଦାସ
ମନୋଜ ଅର୍ଥଶାସ୍ତ୍ରର ପୋଷ୍ଟ ଗ୍ରାଜୁଏଟ୍ ଛାତ୍ର । ଫାଇନାଲ ପରୀକ୍ଷା
ମାତ୍ର ଦୁଇମାସ ବାକି ରହିଲା । ପରୀକ୍ଷାରେ ସାଫଲ୍ୟ ଆଶାରେ
ମା ପାର୍ବତୀ ଦେବୀଙ୍କ ନିର୍ଦ୍ଦେଶ ମତେ ତାକୁ ପ୍ରତ୍ୟେକ ସନ୍ଧ୍ୟା
ସମୟରେ କାଳୀ ଦର୍ଶନ କରି ଏହି ବାଟରେ ଫେରିବାକୁ
ପଡ଼େ ।

ଆଜି ମନ୍ଦିରରୁ ଫେରିବାରେ ମନୋଜର ଟିକିଏ ଡେରି
ହୋଇଛି । ମନ୍ଦିରରେ ଅବସର ପ୍ରାପ୍ତ ସେସନ୍‌ସ ଜ
କୃଷ୍ଣମୋହନ ବାବୁଙ୍କ ପରିବାର ସହିତ ଭେଟ ହେଲା । ଗପସପ
ହେଉଁ ହେଉଁ ଡେରି ହୋଇଗଲା । ତେଣୁ ସେ ସହଳ ଘରେ
ପହଞ୍ଚିବା ଆଶାରେ ଏହି ଗଳି ବାଟରେ ଟିକିଏ କ୍ଷିପ୍ର ଗତିରେ

ୁଲଛି । ପଗୋଷା ମୁଣ୍ଡ ଉପରେ । ଧନପୁ ଶସ୍ତ୍ର କରେ ତଳେ
ାହିଁ । ଯଥା ସମୟରେ କଲେ ପଡ଼ଶୀ ତାଙ୍କୁ ଅଭ୍ୟର୍ଥନା କରିବା
ାଡ଼ିବ ।

ଆକାଶରେ ଦଶମୀର ଚନ୍ଦ୍ର ଉଠିଛି । ଫାଲ୍‌ଗୁନର ଏ
ାଞଣୀତୋଷ୍ଟ ନିର୍ମଳ ସନ୍ଧ୍ୟାଟି ଦଶମୀ ଚନ୍ଦ୍ରର ଉ
ଜ୍ୟୋତ୍ସ୍ନାରେ ଅବଗାହନ କରି ଏକ କମନୀୟ କରୁଣ ପରି
ଷ୍ଟି କରିଛି । ଯେପରି କେଉଁ ଏକ ଅନାଘ୍ରାତା ପୁଷ୍ପିତା
ଜୀବନର କରୁଣ ବୈଧବ୍ୟ ମୂର୍ତ୍ତି ! ଏକାଧାରେ କରୁଣ ଓ
ନର । ମନୋଜର ମନ ଭିତରଟା ବଡ଼ ହାଲୁକା ଓ ଚଞ୍ଚଳ
ବାଧ ହେଉଛି । ଜ୍ୟୋତ୍ସ୍ନାପ୍ଲୁତ ଫାଲ୍‌ଗୁନ ସନ୍ଧ୍ୟାର ମଧୁର
ଶା ମନୋଜକୁ ଧୀରେ ଧୀରେ ତା'ର ଅଲକ୍ଷ୍ୟରେ ମନୁଆଲ
ରି ଦେଉଛି । ତା'ର ହଠାତ୍ ଗୀତ ଗାଇବାକୁ ଇଚ୍ଛା
ହେଉଛି ।

ସହସା ତା'ର 'କାନ ପାଖରେ ନାରୀ କଣ୍ଠର କୋମଳ
ଅଚ ପେଶାଦାରୀ ବାଣୀ ଭଣିଦିଣି ହୋଇ ବାଜି ଉଠିଲା—
ଲ ମୋର, ଏମିତି ଅରଣା ମଇଁଷି ପରି ଯାଉଛ କାହିଁକି ମ !
କଏ ଛୁଡ଼ା ହୁଅ, ଟିକଏ ରୁହ—ଟିକଏ ଭିତରକୁ ଆସ..."

ମନୋଜର ସମ୍ବିତ୍ ଫେରି ଆସିଲା । ଚାହିଁ ଦେଖିଲା,
ାଟିଏ ଘରର ଦରଜା ପାଖରେ ଜଣେ ବୈଶ୍ୟା ଛିଡ଼ା ହୋଇ
ାକୁ ନିମନ୍ତ୍ରଣ କରୁଛି । ମନୋଜର ମୁହଁକୁ ହଠାତ୍ ଏକଗାଏ
ନ ରକ୍ତ ଉଠି ଆସିଲା । କାନମୂଳ ଗରମ ହୋଇ ଉଠିଲା ।
ତଳକୁ ଦୃଷ୍ଟି ରଖି ଆହୁରି କ୍ଷିପ୍ର ଗତିରେ ଚାଲିବାକୁ
ଷ୍ଟା କଲା ।

—"ଆଃ—ଥୁ—ଃ !" ଦରଜା ଉପର ଗୋଟ
ରବିଳାସିନୀ ଯୁବତୀ ମନୋଜ ଉଦ୍ଦେଶ୍ୟରେ ଛେପ ପକା

ନଣ୍ଡାଏ ପାନ ଛେପ ପକାଇ କହିଲା—"ପଣ୍ଟା ରସିକକ-ଖା
ଫୁଲକୁ ପାଉଡ଼ା ଚୋକ—ମୋ ମଲ୍ଲୀ ଢପ ଲେ ।"

ପାଖ ଆଖ ଘରଗୁଡ଼ିକର ଦରଜା ସାମନା, ପିଣ୍ଡା ଉପ ଛିଡ଼ା ହୋଇଥିବା ଅନ୍ୟାନ୍ୟ ଯୁବକଗଣ କର କର ହୋଇ ଉଠିଲେ । ସେମାନଙ୍କ ଭିତରୁ ଜଣେ ପୂର୍ବ କଥିତ ଯୁବକଟିର ଉପରେ ଟିପଣୀ କାଟିଲା—"କଣ ହେଲା କଲେ ହେମ ! କ' ଖଚ୍ଚ ପସନ୍ଦ ହେଲାନାହିଁ ?"

—"ତୋର ଯନ୍ତ୍ର ପସନ୍ଦ ହେଉଛି ଭଡ଼ ରଖୁନାହୁଁ । ସେ ପାଖ ପିଣ୍ଡାରୁ ଶୁଭିଲା ।

ଛି ଛି କି ଲଜ୍ଜାକଥା । କି ବିଷମ ସଙ୍କଟରେ ମନୋଜ ପଡ଼ିଲା ସହଳ ଘରେ ପହଞ୍ଚିବାର ଆଶା କରି ଏ ଗଳିବାଟରେ ଆସି କ'ଣ ଭୁଲ ନ କଲା । ପ୍ରାୟ ପ୍ରତିଦିନତ ସେ ଏ ପଥରେ ଘର ଫେରେ । ମାତ୍ର ଆଜ ଫେରିବାରେ ଟିକଏ ଡେରି ହୋଇଛି ସନ୍ଧ୍ୟା ଗଡ଼ି ଯାଇଛି । ରାତି ବଢ଼ିବା ସଙ୍ଗେ ସଙ୍ଗେ ଏହି ଗଳି ଆବହାଓ୍ୱା ଏପରି ବିଷାକ୍ତ ଓ ଅକଲ୍ୟାଣକର ହୋଇ ଉଠେ, ଅଭିଜ୍ଞତା ମନୋଜର ନ ଥିଲା । ସଂଧ୍ୟା ପରେ କୌଣସି ଭ ସନ୍ତାନ ଏ ପଥରେ ଯିବା ନିହାତି ନିର୍ବୋଧତାର ପରିଚାୟକ ମନୋଜର ମନେହେଲା ସେ ଯେପରି ଏକ ଗୋଲକଧନ୍ଦା ଭିତ ପଡ଼ିଯାଇଛି—ସୁନ୍ଦରୀ, ମନୋହାରିଣୀ ରମଣୀର ଗୋଲକଧନ୍ଦା ସେମାନଙ୍କର କୋମଳ ଅଙ୍ଗ ସ୍ପର୍ଶ ସେ ଅନୁଭବ କରିପାରୁଛି- ସେମାନଙ୍କର ଖର ନିଃଶ୍ୱାସ ତାର ଶରୀରକୁ ରୋମାଞ୍ଚିତ, କଣ୍ଟକି କରି ତୋଳୁଛି । ସେହି ତପ୍ତ ରୋମାଞ୍ଚିତ ଅବ୍ୟକ୍ତ ଶିହରଣ ପୂ ଗୋଲକଧନ୍ଦା ଭିତରୁ ମୁକ୍ତି ପାଇବା ଲାଗି ମନୋଜ ଛଟପ ହେବାକୁ ଲାଗିଲା । ସେ ଆହୁରି ଯୋରରେ ଆଗକୁ ଆଗକୁ ପ ପକାଇଲା ।

କୌଣସି ଗୋଟିଏ ଘରଭିତରୁ ବେସୁରା ହାରମୋନିୟମ
...ତ କାମାତୁର ମାତାଲ ପୁରୁଷର ରୁକ୍ଷ କଣ୍ଠରୁ ସଂଗୀତ
...ଛିଛି—"ରମ୍ଭାଗୋରୀ, ଭୁରୁଭଙ୍ଗୀ କରି,

ଗୁହିଁ ଗୁହିଁ ଆଖିଠାରି ଯାଉଛୁ ରେ... ।"

ସଙ୍ଗେ ସଙ୍ଗେ ଆହୁରି କେତେକ ମାତାଲଙ୍କ ଅଟ୍ଟହାସରେ ଘରଭିତର
...ହୁବାଡ଼ କମ୍ପି ଉଠୁଛି । ସେ ପାଖର ଗୋଟିଏ ଘର ଭିତରେ
...ବଲାର ତା ଧିନା, ତାଧିନା ବୋଲ ସହିତ କୌଣସି ଏକ
...ଶ୍ୟା ତରୁଣୀର ଚରଣ ନୁପୂର ତାଳେ ତାଳେ ଅପୂର୍ବ ଝଙ୍କାର
...ଳୁଛି । ସହସା ଗୋଟିଏ ଘର ସମ୍ମୁଖରେ କୌଣସି ଏକ ନାରୀ
...ର ଆର୍ତ୍ତନାଦ ଶୁଣି ମନୋଜ ଦୃଷ୍ଟି ଫେରେଇ ଗୁହିଁଲା । ଗୋଟିଏ
...ଇକେଲ ରିକ୍ସାରେ ଜଣେ ଯୁବତୀ ଓ ଦଶବାର ବର୍ଷର ଗୋଟିଏ
...ଳକ ବସିଛନ୍ତି । ନିକଟରେ ରିକ୍ସାଚାଳକ ଓ ଲୁଙ୍ଗିପିନ୍ଧା ଏକ
...ମାର୍କା ଲୋକ ଛିଡ଼ା ହୋଇ ସେ ଯୁବତୀକୁ ଧମକ ଦେଇ କଣ
...ଛି । ପାଖ ଗୃହର ଦାଣ୍ଡଘରେ ବୁଢ଼ୀଟିଏ ଖଟ ଉପରେ ବସି
...ପ ଆଲୋକରେ ଏକମନରେ ପାର୍ଥିବତାଭକ୍ତି ଉଚ୍ଚ କଣ୍ଠରେ
...ଛି —

"ମୁଁ ବେଶ୍ୟା ହୀନ ପାପକାଠ, ମନହରୁ ଭକ୍ତ ପୋଷେ ପେଟ ।
...ମାନେ ଛୁଇଁଲେ ପାପ ହୁଏ, ତୁଭ ନ ମାଗନ୍ତି ସାଧୁଏ ।"

ମନୋଜ କ୍ଷଣକ ପାଇଁ ପଥ ମଧ୍ୟରେ ଛିଡ଼ାହୋଇ
...ମାନଙ୍କର କଥୋପକଥନ ଶୁଣିବାକୁ ଚେଷ୍ଟାକଲା । ପରକ୍ଷଣରେ
...ଲା—ଛି, ସମାଜର ହୀନ ଆବର୍ଜନା ଏହି ବାରବନିତା ଓ
...ଟ ମଦ୍ୟପମାନଙ୍କର କଥାବାର୍ତ୍ତା ଶୁଣିବା ତା ପରି ଭଦ୍ର
...ନ ଓ ପୋଷ୍ଟ ଗ୍ରାଜୁଏଟ ଛାତ୍ରର କର୍ତ୍ତବ୍ୟ ନୁହେଁ । ନାରୀ
...ସ ରାଇ ଦର କଷା କଷି ଶବ୍ଦ ଶୁଣିବାଠାରୁ ତାର ଅର୍ଥନୀତି
...ଧ୍ୟୟନ ଅଧିକ ମୂଲ୍ୟପ୍ରଦ । ଶେଷ ରଜନୀ ଅତି ଶୀଘ୍ର

ରହିଲା । କୃତିତ୍ୱ ସହିତ ପାଶ୍ କରିବା ଲାଗି ତାକୁ ପ୍ରସ୍ତୁତହେବା ପଡ଼ିବ । ମନୋଜ ପୁଣି ସମ୍ମୁଖକୁ ଅଗ୍ରସର ହେଲା ।

ହଠାତ୍ ସେହି ରିକ୍ସାରୁ ନାରୀ କଣ୍ଠର ଆଶଙ୍କାସମାକୁଳ କ୍ଷୀ ଅଭିଯୋଗ ବାଣୀ ଶୁଭିଲା—"ମୁଁ ତୋତେ ବ୍ରଜମୋହନ ବାଳ ବିଦ୍ୟାଳୟକୁ ନେବାପାଇଁ କହିଥିଲି । ତୁ ରିକ୍ସା ଆଣି ଯେ କେ ଜାଗାରେ ଛିଡ଼ା କଲୁ ?"

ପ୍ରଶ୍ନଟି ଚକସାଲକ ଉଦ୍ଦେଶ୍ୟରେ ହୋଇଥିଲେ ସୁ ଉତ୍ତର ସେହି ଲୁଙ୍ଗି ପିନ୍ଧା ଷଣ୍ଢାମାର୍କା ଗୁଣ୍ଡାଠାରୁ ମିଳିଲା - "ଆଲୋ କେତେ ଛଇ ହେଉଛୁ ? ବ୍ରଜମୋହନବାବୁ ଖାଲି ପଧା କରି ଜାଣେ, ଆଜ ହାମେ ଜାଣୁନାହିଁ, ମୁହେଁ ? ଭଲ ଚଢ଼ିଥି ସୁନାପିଲାଟି ପରି ଗ୍ଲ୍ଲାଇ ପଡ଼ । ପାଟି ତୁଣ୍ଡ କଲେ ଏଠି ତୋ ବାପ୍ ଶୁଣିବ ନାହିଁ ।"

ଗୁଣ୍ଡାଟା କୋଧହୁଏ ତରୁଣୀର ହାତଧରି ଝିଙ୍କିଛି ଯୁବତୀଟିର ଭୀତିପୂର୍ଣ୍ଣ ଅସହାୟ କଣ୍ଠରୁ କ୍ଷୀଣ ଦାମ୍ଭିକତା ସହି ପ୍ରତିବାଦ ଉଠିଛି — "ମୋ ହାତଛାଡ଼ କହୁଛି ।" ପାଖରେ ବସିଥି ବାଳକଟିର ଅସହାୟ କଣ୍ଠରେ କାନ୍ଦ ଉଠୁଛି ।

ସହସା ମନୋଜ ଶରୀରରେ ଦୁର୍ଦ୍ଧର୍ଷ ଡ଼. ଏସ୍. ପି. ପିତା ରକ୍ତ ଟଗମଗ ହୋଇ ଫୁଟି ଉଠିଲା । ଉଲକାସମ କ୍ଷିପ୍ରଗତି ଦୁଇ ଲମ୍ଫ ଦେଇ ସେ କେତେବେଳେ ଯାଇଁ ରିକ୍ସା ସମ୍ମୁଖ ଛିଡ଼ା ହେଇଛି ତା' ସେ ନିଜେ ଜାଣେନାହିଁ । ବଜ୍ର-ଗମ୍ଭୀରକଣ୍ଠ ମନୋଜ ପ୍ରଶ୍ନ କଲା — "ଘଟଣା କଣ ?"

ଯୁବତୀଟି ସମ୍ମୁଖରେ ଏକ ଅପରିଚିତ ଯୁବକକୁ ଦେ ଭାସିଗଲା ଲୋକ କୁଟାଖଣ୍ଡିକୁ ଆଶ୍ରା କଲା ପରି ନିଜର ଅପ୍ରତ୍ୟାଶି ବିପଦ କଥା କନ୍ଦନଭାରାକ୍ରାନ୍ତ କ୍ଷୀଣ ଅଥଚ ସ୍ପଷ୍ଟ କଣ୍ଠରେ କ ପକାଇଲା—"ଦେଖନ୍ତୁ, ମୁଁ ବଡ଼ ବିପଦରେ ପଡ଼ିଛି ।

ହରକୁ ମୁଁ ନୂଆ ହୋଇ ଆସିଛୁ । ସନ୍ଧ୍ୟା ପଞ୍ଚଟାରେ
ସେନ୍‌ପୋଲ ଗାଡ଼ିରୁ ଓହ୍ଲାଇଛୁ । ମୋର ବ୍ରଜମୋହନ ବାବଙ୍କ
ଦ୍ୟାଳୟକୁ ଯିବା କଥା । ଏ ରିକ୍‌ସାବାଲା ମୋତେ ପାର୍ଶ୍ୱ
ଣ୍ଟା ଧରି ସହରର ବିଭିନ୍ନ ସ୍ଥାନରେ ବୁଲାଇ ବର୍ତ୍ତମାନ ଏଠାରେ
ଶି ଛୁଡ଼ା କରିଛି । ତା'ଛଡ଼ା ଆଉ ଲୋକଟା ଷ୍ଟେସନରୁ ମୋର
କ୍‌ସାର ପିଛା ଧରି ସାଇକେଲରେ ଆସୁଛି । ମୁଁ ଏମାନଙ୍କ
ଦ୍ଦେଶ୍ୟ ବୁଝିପାରୁ ନାହିଁ···।"

ଏହି ମହାନୁଭବଦ୍ୱୟଙ୍କ ମହତ୍ ଉଦ୍ଦେଶ୍ୟ ସମ୍ବନ୍ଧରେ
ଣିଟି ଅଜ୍ଞ, ମାତ୍ର ମନୋଜ ନିକଟରେ ତାହା ଜଳ ପରି ସ୍ୱଚ୍ଛ ।
ନୋଜ ମୁହୂର୍ତ୍ତକରେ ସବୁ ବୁଝି ପାରିଲା । ଦୁଇ ପାଦ ଆଗେଇ
ଇଁ ସେ ଧମକପୂର୍ଣ୍ଣ ଗମ୍ଭୀର କଣ୍ଠରେ ରିକ୍‌ସାବାଲାକୁ
ଦ୍ଦେଶ୍ୟରେ ପ୍ରଶ୍ନ କଲା—"କରେ, ଏଇଟା କ'ଣ ବ୍ରଜମୋହନ
ଲିକା ବିଦ୍ୟାଳୟ ନା ମସ୍‌ଜିଦ୍ ଗଳି ?"

ଉତ୍ତର ଆସିଲା ଲୁଙ୍ଗି ଧାରୀ ଷଣ୍ଢା ମାର୍କା ପୁରୁଷ କଣ୍ଠରୁ—
ାବୁ, ଆପଣ ଭଦ୍ର ଲୋକର ପୁଅ ଅଛ । ରାତିରେ ଡାମ୍ ସାହି
ରେ ବୁଲୁଛ । ଆପଣା ମାନ ବଞ୍ଚାଇ ବାଟେ ବାଟେ ଚାଲି
। ଜାସ୍ତି ମୁରବିବିଆନା ଦେଖାଇ ତଡ଼ଆ ଉସ୍‌କେଇ
କାର ଫିକର୍ କଲେ ଏକା ଠେଙ୍ଗାକେ ଚକରବୁଲ ବଜାଇ
ଗିଲବ—ହାଁ ।"

ମନୋଜ ତାଚ୍ଛଲ୍ୟ ଭରା ଅର୍ଥପୂର୍ଣ୍ଣ ହସ ହସି କହିଲା—
ଉଭର୍ ମିଆଁ, ତୁମର ଠେଙ୍ଗା ମୋ ମୁଣ୍ଡରେ ପଡ଼ିବା ପୂର୍ବରୁ
ାରେ ଶକ୍ତି ସାରିଥିବ ବୋଲି ମନେ ହେଉଛି ।"

ମନୋଜ କଣ୍ଠରୁ ନିଜର ନାମ ଶୁଣି ଗୁଣ୍ଡାଟା ଚମକି
ଠିଲା । ତା'ର ଆଖିର ହିଂସ୍ର ଦୃଷ୍ଟି ଧୀରେ ଧୀରେ ନିଷ୍ପ୍ରଭ
ଗଲା । ତା' ପରିବର୍ତ୍ତରେ ଆଖିରେ ଏକ ଷଡ଼ଯନ୍ତ୍ର ଦୃଷ୍ଟି ଖେଳି

ଉଠିଲା । ବିସ୍ମୟ ଓ ଆଶଙ୍କାପୂର୍ଣ୍ଣ ଚିତ୍ତରେ ଧୀରେ ଧୀରେ
ଆଗେଇ ଆସି ସେ ମନୋଜ ମୁହଁକୁ ଦୃଷ୍ଟି ସଙ୍କୁଚିତ କ
ଚାହିଁଲା । ସାପୁଆ କେଳାର ଗତ ଗଳିରେ ଉତ୍ଫଣିତ ନା
କ୍ରମେ ସଙ୍କୁଚିତ ହେଲା ପରି ସତ୍ତାର ମିଆଁର ସବୁ ଦାମ୍ଭିକତା
ମଦମତ୍ତତା, ବାହାସ୍ଫୋଟ ସବୁ ମନୋଜ ମୁଖ ଦର୍ଶନରେ ଯା
ଫାଟିଗଲା । ବିସ୍ମୟ ବିସ୍ଫାରିତ ଦୃଷ୍ଟିରେ ଚାହିଁ ରହି ତା'ର
କଣ୍ଠରୁ ଖାଲି ଶୁଭିଲା—"ମନୋଜ ବାବୁ, ଆପଣ ?"

ସହରର ନାମଜାଦା ଦୁର୍ଦ୍ଧର୍ଷ ଗୁଣ୍ଡା ସତ୍ତାର ମିଆଁ ଦ
ରାହାଜାନି, ଚୋରି, ଗୁଣ୍ଡାମି ପ୍ରଭୃତି ନାନାଦି ଅପକାର୍ଯ୍ୟ କ
ଭିନ୍ନ ଭିନ୍ନ ସମୟରେ ପ୍ରାୟ ଦଶଥର ଜେଲ ଭୋଗିଛି । ତେ
ମନୋଜର ପିତା ଡି. ଏସ୍. ପି. ରାଧାମାଧବ ବାବୁଙ୍କ ନିକଟରେ
ସତ୍ତାର ମିଆଁ ସୁପରିଚିତ । ଦୁହିଁଙ୍କ ମଧ୍ୟରେ ଘନିଷ୍ଠ ସମ୍ପ
ରହିଛି—ଅହି-ନକୁଳର ଘନିଷ୍ଠତା । ସହରରେ ଦଶହ
ମୋହରମ, କାଳୀପୂଜା ପ୍ରଭୃତି ସମୟରେ ଭିନ୍ନ ଭିନ୍ନ ସ
ମଧ୍ୟରେ ଦଙ୍ଗା ହାଙ୍ଗାମାର ଆଶଙ୍କା ଥାଏ । ତେଣୁ ସେହି ସମ
ମାନଙ୍କରେ ଭିନ୍ନ ଭିନ୍ନ ଗୁଣ୍ଡା ପ୍ରକୃତିର ଲୋକମାନଙ୍କୁ ନା
କାରଣରୁ ପୋଲିସ ଅଫିସ ବା ଡି. ଏସ୍. ପି. ଙ୍କ ସମ୍ମୁଖର
ହାଜିର ଦେବାକୁ ପଡ଼ିଥାଏ । ସତ୍ତାର ମିଆଁ ବହୁଭିନ୍ନ ସମୟ
ହାଜିର ଦେବାକୁ ଡି. ଏସ୍. ପି. ଙ୍କ ବଙ୍ଗଳାକୁ ଆସି ମନୋଜ
ଦେଖିଛି ଓ ଡି. ଏସ୍. ପି. ଙ୍କ ପୁଅ ବୋଲି ଜାଣିଛି । ସେହି ଦୁ
ଗୁଣ୍ଡା ସତ୍ତାର ମିଆଁ ଆଜ ଡି. ଏସ୍. ପି. ପୁଅ ମନୋଜ ସମ୍ମୁଖ
ବଡ଼ ଅପ୍ରତ୍ୟାଶିତ ଭାବରେ ଧରା ପଡ଼ି ବିସ୍ମୟ-ବିମୂଢ଼ ପା
ଯାଇଛି । ଦୈବ ଯୋଗକୁ ଦୁଇ ଜଣ ରାଉଣ୍ଡ ପୋଲିସ ଆକା
ଖସିଲା ପରି ଠିକ୍ ସେତିକି ବେଳକୁ ଆସି ସେଠାରେ ପହ
ଗଲେ । ସାମନାରେ ହାକିମଙ୍କ ପୁଅ ମନୋଜକୁ ଦେଖି ମିଳିତେ

ାଇବାରେ ସଲଗ୍ନ ଠୁକିଲେ । ପୁଣି କଣ୍ଟୁଦନ ଲାଗି ଭଗାଳ
ଟିଲ୍ ଖାଦ୍ୟ ସତ୍ତାର ମିଆଁ ମୂକ ବିବର୍ଣ୍ଣ ହୋଇ ଗଲେ ।
ନୋଜ ସେହି ବିଖ୍ୟାତ ଗୁଣ୍ଡାର ଈଦୃଶ ଦଶା ଦେଖି ସମ-
ବେଦନାର ହସ ହସି କହିଲା—"ସତ୍ତାର ମିଆଁ, ସବୁଠି ଠେଙ୍ଗା
ଲେ ନାହିଁ । ସ୍ଥଳ ବିଶେଷରେ ନିଜର ନିରାପତ୍ତା ଲାଗି ମସ୍ତିଷ୍କ
ଲାଇବାକୁ ପଡ଼ିଥାଏ । ନଚେତ୍ ହାତରୁ ଠେଙ୍ଗା ଖସିବା
ଙ୍କୁ ସେହି ହାତରେ ହାତକଡ଼ା ପଡ଼ି ଯାଇଥାଏ ।"

ମନୋଜ ପୋଲିସ ଦୁଇ ଜଣଙ୍କୁ ନିର୍ଦ୍ଦେଶ ଦେଲା—"ଏହି
ମହିଳାଙ୍କୁ ବ୍ରଜମୋହନ ବାଳିକା ବିଦ୍ୟାଳୟରେ ପହଞ୍ଚାଇ
ଅ ।"

ପୋଲିସଙ୍କ ଭିତରୁ ଜଣେ କହିଲା—"ହଜୁର, ଏତେ
ରେ ବାଳିକା ଇସ୍କୁଲର ଫାଟକ କେହି ଖୋଲିବେ ନାହିଁ
ଜ୍ଞା ।"

ମନୋଜ କହିଲା—"ସତେ ତ ! ତା'ହେଲେ କ'ଣ କରି
ଏ ?" ଯୁବତୀଟି ଉଦ୍ଦେଶ୍ୟରେ କହିଲା—"ଆପଣ କୌଣସି
ଟେଲ କିମ୍ବା ଧର୍ମଶାଳାରେ ଆଜି ରାତିଟା କଟାଇ ପାରିବେ
? ତା'ହେଲେ ତା'ର ବନ୍ଦୋବସ୍ତ କରି ଯାଆନ୍ତା ।"

ଏ ସହରରେ ଯୁବତୀଟିର ପ୍ରଥମ ଦିନର ଅଭିଜ୍ଞତା ଅତ୍ୟନ୍ତ
ଓ ଅବାଞ୍ଛନୀୟ ହୋଇ ଉଠିଛି । ଏ ବଡ଼ ଭୀଷଣ ସହର ।
ାରେ କ'ଣ ଭଦ୍ରଲୋକ ନିଜର ପରିବାର ସହିତ ଆଶଙ୍କାହୀନ
ରେ ଆଉ ଶାନ୍ତିପୂର୍ଣ୍ଣ ପରିବେଶରେ ବାସ କରି ପାରନ୍ତି ?
ମାନଙ୍କର ଏହି ନିଦାରୁଣ ଅପ୍ରତ୍ୟାଶିତ ଘଟଣା ଯୁବତୀଟିର
ପୂରେ ଏହି ସହରର ନୈତିକ ଭୟଙ୍କରତା ସମ୍ବନ୍ଧରେ
ର ସନ୍ଦେହ ଆଣି ଦେଲା । ଏକାକିନୀ, ଅପରିଚିତା
ସ୍ଥାରେ ଏହି ସହରର କୌଣସି ହୋଟେଲ ବା ଧର୍ମଶାଳାରେ

ରାତ୍ରି ଯାପନ କରିବାର ଦୁଃସାହସ ଆଉ ତାର ନଥିଲା । ସେ
କୁଣ୍ଠିତ କଣ୍ଠରେ କହିଲା—"ଏହି ଅପ୍ରୀତିକର ଘଟଣା ପରେ ମ
ଯେ ଆଜ ଏହି ଭୟଙ୍କର ସହରର କୌଣସି ସ୍ଥାନରେ ଏକାକୀ
ରହି ପାରିବ, ଏ ସାହସ ମୋର ଆଉ ନାହିଁ । ଭଗବାନ ଶେଷ
ଆଣି ଏପରି ବିପଦରେ ପକାଇଲେ— ।"

ଯୁବତୀ ମନର ଆଶଙ୍କା ସମ୍ବନ୍ଧରେ ସନ୍ଦେହ କରିବା
କରୁ ନଥିଲା । ମନୋଜ ତାର ପ୍ରକାଶିତ, ଅପ୍ରକାଶିତ ମନ କଥା
ସବୁ ବୁଝି ପାରିଲା । ଟିକିଏ ହସି କହିଲା—"ଆପଣଙ୍କର ଅନିଚ୍ଛା
ନଥିଲେ ରାତିଟା ଆଜ ଆମର ଘରେ କଟାଇ ଦେବାକୁ କହିବ
ମୋର ମା' ଆଉ ଭଉଣୀ ଆପଣଙ୍କୁ ଦେଖି ଖୁସି ହେବେ ।"

—"ମୋ ଲାଗି ଆପଣ ବଡ଼ ଅସୁବିଧାରେ ପଡ଼ିଲେ ।"
ଯୁବତୀର କୁଣ୍ଠିତ କଣ୍ଠରୁ ଶୁଭିଲା ।

ପୋଲିସ ଦୁଇଜଣଙ୍କୁ ଯୁବତୀଙ୍କୁ ରିକ୍ସା ସହିତ ଡ. ଏସ୍. ଟି
ବଙ୍ଗଳାରେ ପହଞ୍ଚାଇ ଦେବାର ନିର୍ଦ୍ଦେଶ କରି ମନୋଜ ସେଠାରୁ
କ୍ଷିପ୍ର ପଦରେ ଅନ୍ତର ହେଲା ।

## —ଦୁଇ—

ପରଦିନ ସକାଳ ସାତଟା ସମୟରେ ମନୋଜର କନିଷ୍ଠ
ଭଗିନୀ ଅନସୂୟା ପୂର୍ବୋକ୍ତ ଯୁବତୀ ଓ ତା'ର ଭାଇ ଶୋଇଥିବା
କୋଠରୀଟିକୁ ପଶି ଆସି ଦେଖିଲା, ଏତେବେଳ ଯାଏ ଉଭୟେ
ଗାଢ଼ ନିଦ୍ରାରେ ଶୋଇ ରହିଛନ୍ତି । ଗତ ରାତିରେ ସେ ଯୁବତୀଟିକୁ
ଭଲ ଭାବରେ ଦେଖିବାର ଅବକାଶ ପାଇ ନ ଥିଲା । ମା ଓ
ଭାଇଙ୍କ ମଧ୍ୟରେ ଯୁବତୀଟିର ବିପଦ ସମ୍ବନ୍ଧରେ ରହସ୍ୟ ଓ
କୌତୂହଳଜନକ କଥୋପକଥନ, ଦାସଦାସୀଙ୍କ ଅର୍ଥହୀନ

ାଳାହଳ ଭିତରେ ତା'ର ଦେହେସ ସେ ଭଳି ଭାବରେ ଲକ୍ଷ୍ୟ
ର ଦେଖି ନାହିଁ । ତା'ଛଡ଼ା ଦୀର୍ଘ ପଥ ଶ୍ରାନ୍ତ ଓ ଅପ୍ରତ୍ୟାଶିତ
ଘଟର ସମ୍ମୁଖୀନ ହୋଇ ଯୁବକଟିର ରୂପ ଗତ ରାତିରେ ଏକ
ମୃତ-କମାକାର, ବିକୃତ ହୋଇ ଉଠିଥିଲା । ତା'ର ସେହି ରୂପ
ଲୁସୁପ୍ତାର ଅଳ୍ପ ଅଳ୍ପ ମନେ ପଡ଼ୁଛି ।

ଗାଢ଼ ନିଦ୍ରାବିଭୂତା ଯୁବକଟିର ରୂପ ଭଲ ଭାବରେ
ରୀକ୍ଷଣ କରିବାର ସୁଯୋଗ ବର୍ତ୍ତମାନ ଅନସୂୟାକୁ ମିଳିଛି ।
ତାୟନ ପଥରେ ସକାଳ ସୂର୍ଯ୍ୟର କଅଁଳ କିରଣ ଆସି
ାଠଗୋଟିର ଗୋଟାଏ ପାଖରେ ବଞ୍ଚି ହୋଇ ପଡ଼ୁଛି । ଦୋତଳା
ରଣ୍ଡାରେ ଝରି ପଡ଼ୁଥିବା ବାସୀ ହେନାର ଗନ୍ଧ ଘରଟିର
ତାବରଣକୁ ଗୋଟାଏ କପରି କରୁଣ ମୂର୍ଚ୍ଛନାରେ ଭରି ରଖିଛି ।
ଆ ସକାଳର ଆଲୋକତଳେ, ଏହି ଗନ୍ଧ-ବିଧୁର ପରିବେଶ ମଧ୍ୟରେ
ବକଟିର ନିଦ୍ରାଭୂର ଅସହାୟଭଙ୍ଗୀ ଅନସୂୟାକୁ ଚମତ୍କାର
ଗିଲା । ସେ ନିରୀକ୍ଷଣ କରି ଦେଖିଲା, ଯୁବକଟିର କେଶ୍ ସୁନ୍ଦର
ଖିବାକୁ । ତାଠୁ ବୋଧହୁଏ ତିନି ଚାରିବର୍ଷ ବୟସରେ ବଡ଼
ବ । ତା'ର ସୁଗୌର ସୁଠାମ ଅଙ୍ଗପଲ୍ଲବ ଓ ବୁଦ୍ଧି-
ପ୍ତ କପାଳକୁ ଦେଖିଲେ ଦଣ୍ଡେକ ଭିତରେ ତାକୁ ଶ୍ରଦ୍ଧା କରିବାକୁ,
ଲପାଇ ନିଜର କରି ନେବାକୁ ଇଚ୍ଛା ହୁଏ । ଅନସୂୟା ଯେପରି
କଉଁ ଏକ ଅଦୃଶ୍ୟ ଚୁମ୍ବକ ଶକ୍ତି ବଳରେ ଧୀରେ ଧୀରେ
ାକର୍ଷିତା ହୋଇ ଯୁବକଟିର ବିଛଣା କଡ଼ରେ ଯାଇଁ ବସିଲା ।
ାପରେ ଅସହାୟ ଭାବରେ ଲୋଟି ପଡ଼ିଥିବା ତାର ଗୋଟିଏ
ନ୍ଦର ନରମ ହାତକୁ ଧରି ଧୀରେ ଧୀରେ ହଲାଇଲା ।

ଯୁବକଟି ଭୟ ବିହ୍ୱଳ ଭଙ୍ଗୀରେ ଧଡ଼ପଡ଼ ହୋଇ ଉଠି
ସିଲା । ପାଖରେ ଅନସୂୟାକୁ ବସିଥିବାର ଦେଖି ଫିକ୍ କରି
ସି ପକାଇଲା । ଅନସୂୟା ଅଭିମାନ ଭଙ୍ଗୀରେ କହିଲା—

ନା କ'ଣ ଅପା ! ଏମିତି ଗାଢ଼ ନିଦରେ ଅଚେତନ ହେ
ପଡ଼ିଥିଲ । ହଠାତ୍ ଉଠି ବସିଲ ଯେ । ଡରିଛ ନିଶ୍ଚୟ ?"

ଯୁବତୀଟି ମଧୁର ହସ ହସି ଉତ୍ତର ଦେଲା—"ହଁ ଭଉ
ଡରିଥିଲି । ଗୋଟାଏ ଦୁଃସ୍ୱପ୍ନ ଦେଖିଥିଲି । ଗୋଟାଏ ନ
ପିଶାଚ, ମଦ୍ୟପ ଗୁଣ୍ଡା ପ୍ରକୃତିର ଲୋକ ମୋର ହାତ ଧ
ଭିଡ଼ୁଥିଲା । ଧଡ଼ପଡ଼ ହୋଇ ସହସା ଉଠି ଦେଖେ, ସ୍ୱର୍ଗ
ପାରିଜାତ ତୁଲ୍ୟ ଜଣେ ବାଳିକା ମୋର ହାତ ଧରି ଭିଡ଼ୁଛି
ସେହି ସୁନ୍ଦରୀ ବାଳିକାଟିର ଅନିନ୍ଦ୍ୟ ରୂପ ଦେଖି ପୁଣି ମୁ
ଭିତରଟା ନିଦୁଆ ନିଦୁଆ ନିଶାରେ ଘାରିଲାଣି । ଆଉ ଟିକେ
ଶୋଇ ପଡ଼ିବାକୁ ମନ ହେଉଛି ।" ଯୁବତୀଟି ସତକୁ ସତ ପୁ
ଶୋଇ ପଡ଼ିଲା ।

—"ଇସ୍, ପୁଣି ଶୋଇବାକୁ ତୁମକୁ ଦେଲେ ତ ? ଘଡ଼
ଚାହିଁଲ, କେଇଟା ବାଜିଲାଣି ? ଘରେ ତୁମକୁ ସମସ୍ତେ ଅପେ
କରି ବସିଛନ୍ତି । ଚାଲ, ଜଳଖିଆ ଖାଇବ ଚାଲ । ଉଠ ଉଠ !
ଅନସୂୟା ଯୁବତୀଟିର ହାତଧରି ପୁଣି ଭିଡ଼ିଲା ।

ସରଳପ୍ରାଣା କିଶୋରୀ ଅନସୂୟା ଏହି ଯୁବତୀଟିର ଅନିନ
ସୁନ୍ଦର ରୂପ-ଲାବଣ୍ୟ ଓ ସୁମଧୁର ହସ ପାଖରେ ଗୋଟିପ
କିଣି ହୋଇଗଲା । ପ୍ରଥମ ଆଳାପରେ ଏହି ଯୁବତୀ ତାକୁ ଏପ
ଆପଣାର କରିଦେଲା ଯେ, ସେ ନିଜକୁ ବିସ୍ମୃତ ହୋଇ ସମ
ଲୌକିକତା ପାସୋରି ପକାଇଲା । ପ୍ରଥମ ଆଳାପରୁ ଦୁହିଁ
ଭିତରେ ଏପରି ଆନ୍ତରିକତା ଜନ୍ମିଲା ଯେ, ଅନସୂୟା ଯୁବତୀଟି
ଅତି ଆପଣାର ଭାବି 'ତମେ' ସମ୍ବୋଧନ କରି ବସିଲା । ପ
ମୁହୂର୍ତ୍ତରେ ନିଜର ବାତୁଳତାଜନିତ ଭ୍ରମ ବୁଝି ପାରି ଲଜ୍ଜାରେ
ଲାଲ ପଡ଼ି ଯାଇ ଜିଭ କାମୁଡ଼ି ପକାଇଲା ।

ଯୁବଗୋଷ୍ଠି ହସି ହସି ଉଠି ବସିଲା । ଅଳସ ଭଙ୍ଗୀରେ ଫିଟି
ଥିବା ବିଶାଳ ଜୁଡ଼ାଟାକୁ ବାନ୍ଧୁ ବାନ୍ଧୁ କହିଲା—"ହଇ,
ଲି । ଏମିତି ସୁଖକର ପରିବେଶ ମଧ୍ୟରେ ଆଜ ଟିକିଏ
ଇବା କଥା ଭାଗ୍ୟରେ ନାହିଁ । ଯିବା ପୂର୍ବରୁ ତୁମର ଗାଧୁଆ
ଟା ଟିକଏ ମୋତେ ଦୟା କରି ଦେଖାଇ ଦଅ ଭଉଣୀ ।"

ଅଘୋର ନିଦରେ ଶୋଇଥିବା ନିଜର ଶ୍ରେଷ୍ଠ ସାଇଟିକୁ
ଇ ଦେଇ ସେ ଡାକିଲା—"ବଟ, ଏ ବଟ, ଉଠ୍‌ରେ । ବେଳ
ଣି ।"

ଅନସୂୟା କହିଲା—"ଥାଉ, ଥାଉ, ଆପଣ ବ୍ୟସ୍ତ ହେବେ
। ମୁଁ ତାଙ୍କୁ ଉଠାଉଛି । ଆପଣ ଗାଧୁଆ ଘରକୁ ଯାଆନ୍ତୁ ।"

ଯୁବଗୋଷ୍ଠି ହସି ହସି ଅନସୂୟାର ହାତ ଧରି କହିଲା—"ପୁଣି
କଥା ? ପୂର୍ବଜନ୍ମର ସୁକୃତିରୁ ତୁମକୁ ଏତେ ପାଖରେ
ଥିଲି । ପୁଣି ଦୂରେଇ ଯିବାକୁ ଚେଷ୍ଟା କଲେ ଛାଡ଼ିବି କାହିଁକି ?
ଣ' ନୁହେଁ 'ତୁମେ' । ମୁଁ ତୁମର ସବିତା ଅପା ।"

ସବିତା ପୁଣି ହସିଲା । ଇସ୍, ଦାନ୍ତଗୁଡ଼ିକ ତା'ର କେତେ
କେତେ ଚମତ୍କାର ଗଠଣର । ତା'ର ସେହି ମନ ଭଣା
ହସ, ତା'ର କଥା କୁହା ଗୁହାଣି, ଆଉ ତା'ର ସାବଲୀଳ
ହାରରେ ଅନସୂୟା ପୁଣି ଗୋଟିପଣେ କିଣି ହୋଇଗଲା ।
ପୂର୍ବରୁ ଲେଖା ଦେଖାଣିଆ ବାହ୍ୟ ଲୌକିକତା ଭଙ୍ଗ
କରି ଏଥର ସେ ପୁଣି ଲାଜରେ ରଙ୍ଗା ପଡ଼ିଗଲା ।
—"ଥାଉ, ବହୁତ ହେଲା । ଚାଲ, ତୁମକୁ ଗାଧୁଆ ଘର
ଇ ଆସେ ସବିତା ଅପା ।"

ଗାଧୁଆ ଘରୁ ସବିତା ଫେରି ଦେଖିଲା, ଅନସୂୟା କେତେ
ଉଠାଇ ତା'ର ମୁହଁ ହାତ ଧୋଇ ଦେଇ ପୋଷାକ
ଇବାରେ ସାହାଯ୍ୟ କରୁଛି । ଏତେ ବଡ଼ ସେବକ

ହୋଇ ଅନସୂୟାର ଏପରି ସରଳତା ଓ ମଧୁର ବ୍ୟବହା
ଦେଖି ସବିତା ତାକୁ ମନେ ମନେ ପ୍ରଶଂସା କଲା । ମାତ୍ର ଅ
ପକ୍ଷରେ ଅନସୂୟା ସବିତାର ସଦ୍ୟସ୍ନାତ ଅନନ୍ୟ ରୂପ ଲାବଣ୍
ଦେଖି ବିସ୍ମୟ ବିସ୍ଫାରିତ ନେତ୍ରରେ ଏକ ଦୃଷ୍ଟିରେ ଚାହିଁ ରହିଲ
ସବିତା ପିନ୍ଧିଛି ଖଣ୍ଡେ ସାଧାରଣ ଧଳା ମିଲ ଶାଢ଼ୀ । ଦେହ
ଉପର ଅଂଶରେ ଖଣ୍ଡେ ଅତି ସାଧାରଣ ଛିଟ କନାର ବ୍ଲାଉଜ
ପିଠି ପାଖରେ ତା'ର ବିଶାଳ କଳା କୁନ୍ତଳ ଟିକି ଚଢ଼ି ନିତମ
ନିମ୍ନ ଭାଗକୁ ଲମ୍ବି ଯାଇଛି । ଚମ୍ପକ ମସୃଣ ବଦନ ମଣ୍ଡଳ
ବିନ୍ଦୁ ବିନ୍ଦୁ ସ୍ୱଚ୍ଛ ସଲିଳ ହୀରକକଣା ପରି ଝଟକୁଥି
ଅନସୂୟା ଅପଲକ ନୟନରେ ଏହି ଅପରୂପ ସୌନ୍ଦର୍ଯ୍ୟକୁ ଗ୍
ରହିଲା । ତା'ର ମନ କଥା ବୁଝି ପାରି ସ୍ମିତ ହସି ପଚାରିଲା–
'ତୁମକୁ ମୁଁ କ'ଣ ଡାକିବ ଭଉଣୀ ?'

— 'ଅନୁ' ।

— 'ତୁମେ ମୋର ପ୍ରେମରେ ପଡ଼ିଛ ଅନୁ ।'

— 'ସତ କହିଛ ଅପା । ସବିତା ଅପାର ଏ ରୂପକୁ ଦେ
ଯେ ପ୍ରେମରେ ନ ପଡ଼ିବ ସେ ପଥର ।'

— 'ଏତେ କଅଁଳ ହୁଅ ନାହିଁ ଅନୁ, ଠକାମିରେ ପଡ଼ିବ
ଅନୁର ସେହି ଅନନ୍ୟ ସୁନ୍ଦର ବର ଯେତେବେଳେ ଆସିବେ
ସବିତା ଅପାର ରୂପକୁ ଅନୁ ସେତେବେଳେ ଛି' କରି ଦେବ
ସବିତା ଅପାର ରୂପ ସେତେବେଳେ ଅନୁଙ୍କୁ ତାଙ୍କ ବରଠା
ଛଡ଼ି ରଖି ପାରିବ ନାହିଁ— ।'

ସବିତା ଆହୁରି କ'ଣ କହି ଆସୁଥିଲା । ମାତ୍ର ଏ
ଅନସୂୟା ଏହି ଅପ୍ରତ୍ୟାଶିତ ଆକ୍ରମଣରେ ଲଜ୍ଜାରେ ଏକାଥ
ମାଟିରେ ମିଶିଗଲା । ତା'ର ସୁଗୌର ମୁଖମଣ୍ଡଳରେ ହଠା
ମୁଠାଏ ଫଗୁ ବୋଳି ହୋଇ ପଡ଼ିଲା । ସେ ସବିତାର କଥା ମଝିରେ

ନାଦ କରି କୁହିଲି—'ଧେତ୍, ସବିତା ଅପା ବଡ଼ ଦୁଷ୍ଟ—
ତା ଅପା ଭାରି ଦୁଷ୍ଟ—ସବିତା ଅପା—।' ଏହା କଥାରେ
ରେ ସେ ସବିତାର କଥାକୁ ଲୁଚେଇ ପକାଇଲା । ଆଉ ଲାଜ
ମ ମୁହଁକୁ ଲୁଚେଇବା ପାଇଁ ବସ୍ତ୍ର ପଟରେ ତା'ର ପୋଷାକର
ଝାଡ଼ିବାରେ ଛଳନା କଲା ।

ସବିତା ତା'ର କଶୋରୀ ସୁଲଭ ଲଜ୍ଜା ଦେଖି ହସିଲା ।
ର ଧୀରେ ଆଗେଇ ଯାଇଁ ତା'ର ଚିବୁକ ଧରି ମୁହଁଟିକୁ
ଲ ଧରିଲା । କହିଲା—'ହଉ ଗିଷ୍ଟ ଅପା ବୁଲ । ଭାରି
ଲାଗିଲାଣି ।'

ସବିତା ଆଖିରେ ଅନସୂୟାର ଆଖି ମିଳିଲା । ଅନସୂୟା
ହସରେ ଫାଟି ପଡ଼ିଲା । ଲାଜସିକ୍ତ ବୃଷା ହସରେ କେବଳ
ଆଖିରୁ ତା'ର ପାଣି ଝରି ପଡ଼ିଲା । ସବିତା ଦୁଷ୍ଟ ହସ ହସି
ଲା—"ସରିଲା ନା ଆଉ ବାକି ଅଛି ?"

ଅନସୂୟା ପୁଣି ହସରେ ଫାଟି ପଡ଼ିଲା । ହସି ହସି ନେତର
ଭରି ହେବା ପରେ କେତେବେଳକେ ସେ ସାଧାରଣ ଅବସ୍ଥାକୁ
ଲା । ତା' ପରେ କହିଲା—"ସତ କହୁଛି ସବିତା ଅପା,
ତୁମର ସଦ୍ୟସ୍ନାତ ଅପୂର୍ବ ରୂପ ଲାବଣ୍ୟକୁ ଦେଖିଲେ ଯେ
ଆତ୍ମବିସ୍ମୃତ ହେବ । ଅଥଚ କାଲି ରାତିରେ ତୁମର
ହେରା ଦେଖିଲେ, କଣ୍ଟ ମନେ କରିବ ନାହିଁ ଅପା, ଦେଖିଲେ
ହେଉଥିଲା ଯେପରି କେଉଁ ପ୍ରେତପୁରୀରୁ ଉଠି ଆସିଛ ।"

ସହସା ଗତ ସନ୍ଧ୍ୟାର ଦୁର୍ଯୋଗ କଥା ମନେ ପଡ଼ି ସିବାକୁ
ତାର ହସ ମଉଳି ଗଲା । ସେ ହଠାତ୍ ଗମ୍ଭୀର ହୋଇ
ଲା । କହିଲା—'ସତ କହୁଛ ଅନୁ । ଗତ ସନ୍ଧ୍ୟାରେ ଏକ
ଡା ମୋତେ ପ୍ରେତପୁରୀରୁ ଉଦ୍ଧାର କରି ଆଣିଛନ୍ତି ।
ତପୁରୀର ସେହି ବିକୃତ ଅଭିଜ୍ଞତା । କଥା ମୋର ଏବେବି

ସ୍ମରଣ ଅଛି । ଗତ ରାତିରେ ସେହି ବିକୃତ ପରିସ୍ଥିତିର ପ୍ରତିକ୍ରି
ଦାଗ ମୋର ଚେହେରାରେ ଯେ ପଡ଼ିଥିବ ଏହା ନିହାତି ସ୍ୱାଭାବିକ
ତାହା ତୁମ ଦୃଷ୍ଟିର ଭ୍ରମ ନୁହେଁ ଭଉଣୀ, ତାହା ସତ । ମୁଁ
ରାତିରେ ଗୋଟାଏ ପ୍ରେତପୁରୀରୁ ଉଠି ଆସିଛି ।

ସବିତାର ଭାବାନ୍ତର ଲକ୍ଷ୍ୟ କରି ଅନସୂୟା ମନେ ମ
ଦୁଃଖିତା ହେଲା । ଏ ଧରଣର ଅପ୍ରିୟ କଥା ଉଠାଇବା
ପକ୍ଷରେ ଉଚିତ ହୋଇନାହିଁ । ଏହି କୁତ୍ସିତ ପ୍ରସଙ୍ଗ ଉଠା
ସବିତା ମନରେ କଷ୍ଟ ଦେବା ସଙ୍ଗେ ଏହି ମଧୁର ସକାଳର
କମନୀୟ ପରିବେଶକୁ ଭାରାକ୍ରାନ୍ତ କରି ଦେଇ ଥିବାରୁ ଅନସୂ
ନିଜକୁ ମନେ ମନେ ଧିକ୍କାର କଲା । କୋଠରୀଟିରେ ପୁଣି ସହ
ଅବସ୍ଥା ଫେରାଇ ଆଣିବାର ଚେଷ୍ଟା କରି ଅନସୂୟା କହିଲ
"ଚାଲ ଅପା, ଖାଇବ ଚାଲ । ବଉ, ଆସ ଯିବା ।"

ଖାଇବା ଘରକୁ ପଶି ସବିତା ଟିକିଏ ଶଙ୍କିଗଲା । ପୂର୍ବ
ଆସି ପ୍ରବଳ ପ୍ରତାପୀ ଡି. ଏସ୍. ପି. ରାଧାମାଧବ ବାବୁ, ମନୋ
ଓ ମନୋଜର ମା ପାର୍ବତୀ ଦେବୀ ସେ ଘରେ ଉପସ୍ଥିତ ଥିଲେ
ଡି. ଏସ୍. ପି. ଚଷମା ଲଗାଇ ସକାଳର ଅମୃତବଜାର ପଢ଼ୁଥିଲେ
ଆଉ ମନୋଜ ମା'ଙ୍କ ସହିତ ଗଳ୍ପ କରୁଥିଲା । ସବିତାକୁ ଦେ
ପାର୍ବତୀ ଦେବୀ ବଡ଼ କୋମଳ କଣ୍ଠରେ କହିଲେ—"ଆସ ମା
ବଡ଼ ଡେରି କଲ ।"

ସବିତା ତଳକୁ ଦୃଷ୍ଟି ରଖି କହିଲା—"ମୋତେ କ୍ଷମ
କରିବେ । ଦୀର୍ଘ ରେଳଯାତ୍ରାଜନିତ କ୍ଳାନ୍ତି ଆଉ ଗତ ରାତି
ନିର୍ଯ୍ୟାତନା ଜନିତ ଅବଶତା ହେତୁ ସକାଳେ ଶଯ୍ୟା ଛାଡ଼ିବା
ମୋର ଡେରି ହେଲା ।"

ରାଧାମାଧବ ବାବୁ ଖବରକାଗଜକୁ ଟେବୁଲରେ ଥୋଇ
ଚଷମା ଫାଙ୍କରେ ସବିତାକୁ ଚାହିଁଲେ । ସହାନୁଭୂତି

ରେ କହିଲେ—"ବ୍ୟସ୍ତ ହେବାର କିଛି କାରଣ ନାହିଁ ମା ।
ନିତାନ୍ତ ସ୍ୱାଭାବିକ । ବସ ମୋ ଚୌକିରେ । ତୁମ ଘର
ଠି ମା !"

—"ବାଲେଶ୍ୱର ।" ପାର୍ବତୀ ଦେବୀଙ୍କ ପାଖରେ ବସୁ ବସୁ
ଟା କହିଲା ।

—"ଖୋଦ୍ ବାଲେଶ୍ୱରରେ ?"

—"ଆଜ୍ଞା ।"

—"ତୁମର ବାବା ସେଠାରେ କ'ଣ କରନ୍ତି ?

—"ବାବା ନାହାନ୍ତି । ଦୁଇ ବର୍ଷ ତଳେ ନ୍ୟୁମୋନିଆରେ
ନ୍ତ ହୋଇ ସେ ସ୍ୱର୍ଗ ବାସ କରିଛନ୍ତି । ସେ ସେଠା ମାଇନର
ରେ ମାଷ୍ଟରୀ କରୁଥିଲେ ।"

ପାର୍ବତୀ ଦେବୀ ନିଜ ବ୍ରାହ୍ମଣୀ ସାହାଯ୍ୟରେ ଜଳଖିଆ
ବେଷଣ କରୁ କରୁ କହିଲେ—"ଆହା, ବାପ ଛେଉଣ୍ଡ ପିଲା
ଟିକ ! ତୁମର ସେଠାରେ ଆଉ କିଏ କିଏ ଅଛନ୍ତି ମା ?"

—"ଘରେ ମା' ଅଛନ୍ତି ଆଉ ବର୍ଷ ତଳର ଗୋଟିଏ ଭାଇ
।"

ଆଷାଢ଼ର ବାଦଲ ପରି ପାର୍ବତୀ ଦେବୀଙ୍କ ମାତୃ ହୃଦୟ
ନୁଭୂତିରେ ଭାରାକ୍ରାନ୍ତ ହୋଇ ଉଠିଲା । ସମବେଦନାରେ
ଭ ଆଖିହାଣି କରୁଣ ସଜଳ ହୋଇ ଉଠିଲା । ସେ କହିଲେ—
ଗବାନଙ୍କର ବଡ଼ ନିଷ୍ଠୁର ! ସାକ୍ଷାତ ଲକ୍ଷ୍ମୀ ପ୍ରତିମା ପରି
। ଅପୋଗଣ୍ଡ ଦୁଇ ପୁଅ ଆଉ ଏକ ଅବଳା ନାରୀଙ୍କୁ ସଂସାର
ରେ ଅସହାୟ ଅବସ୍ଥାରେ ଛାଡ଼ି ଦେଇ ଯାଇଛି ଆଗ ବୁଢ଼ା...
। ! ଏମାନେ କାହା ଭରସାରେ ଏହି ବିଷମ ସଂସାରରେ ବଞ୍ଚି
ବେ !"

ରାଧାମାଧବ ବାବୁ ପଚାରିଲେ—"କଟକରୁ କ'ଣ ମ
ଆସିଛ ମା !"

ସବିତା ସମ୍ମତି ସୂଚକ ମୁଣ୍ଡ ହଲାଇଲା । କହିଲ
"କାଳେଶ୍ୱରର ବାହାରକୁ ଯିବା ଏହା ମୋର ପ୍ରଥମ ।
ସ୍ଥାନୀୟ ବ୍ରଜମୋହନ ବାଳିକା ବିଦ୍ୟାଳୟରେ ଶିକ୍ଷକତା କ
ଲାଗି ନିଯୁକ୍ତି-ପତ୍ର ପାଇ ଏଠାକୁ ଆସିଛି ।"

ପାର୍ବତୀ ଦେବୀ ବିସ୍ମିତ କଣ୍ଠରେ ପଚାରିଲେ—"ତୁ
ଏଠାରେ ଚାକିରି କରିବ ମା ?"

ସବିତା ଦୃଷ୍ଟି ତୋଳି ପାର୍ବତୀ ଦେବୀଙ୍କୁ ଟିକିଏ ଚାହିଁ
କହିଲା—"ହଁ, ଚାକିରି ଛଡ଼ା ଆମ ସଂସାରର ଚାସେଟି ଦ୍ୱା
ଚଳିବାର ଆଉ କୌଣସି ଉପାୟ ନାହିଁ । ବାବା ମାଇନ
ସ୍କୁଲରେ ତିରିଶି ଟଙ୍କା ବେତନରେ ଚାକିରି କରିଥିଲେ । ସେ
ସ୍ୱଳ୍ପ ଆୟରୁ ସଂସାର ଚଳୁଥିଲା । ତା' ଛଡ଼ା ମୋତେ ମାଟ୍ରି
ପର୍ଯ୍ୟନ୍ତ ପଢ଼ାଇଲେ, ଗାଁରେ ପାଞ୍ଚମାଣ ଜମି କଲେ ଅ
କାଳେଶ୍ୱରରେ ଦୁଇ ବଖରାର ଖଟଣ୍ଡେ ଘର କରିଛନ୍ତି । ଅ
ଅଧିକ ତାଙ୍କଠାରୁ ଆଶା କରାଯାଇ ନପାରେ । ଗାଁର ପାଞ୍ଚ
ଜମି ଭାଗଚାଷୀମାନେ ମାଡ଼ିବସିଲେ । ଯାହା ଧାନଦିଅନ୍ତି ସେଥି
ଖାଇ ଓଟାରି ଛଅମାସ ଚଳେ । ମୁଁ ଫାଷ୍ଟକ୍ଲାସ୍‌ରେ ପଢ଼ୁଥି
ସମୟରେ ବାବା ସ୍ୱର୍ଗବାସ କଲେ । ବହୁତ ଦୁଃଖ କଷ୍ଟ
ସମ୍ବଳହୀନ ହୋଇ ମୋତେ ପରୀକ୍ଷା ଦେବାକୁ ପଡ଼ିଲା । ପରୀ
ପରେ ମା' ମୋର ବିବାହ ଚିନ୍ତା କରୁଥିଲେ । ସହଜେ ଅଭାବଗ୍ର
ଘରଣା, ବିଶେଷରେ କରଣ ଘରର ଯାନ ଯୌତୁକ ଦେବାର ଶ
ନଥିଲା । ତେଣୁ ସେ ଆୟୋଜନରୁ ବିରତ ହେବାକୁ ପଡ଼ିଲ
ଗତ ଦୁଇବର୍ଷ ହେଲା ମା' ସାଇପଡ଼ିଶା ଘରର ପିଲାମାନଙ୍କ ଗ
ଜାମା, ପ୍ୟାଣ୍ଟ ସିଲାଇ କରିଦେଇ ବହୁ କଷ୍ଟରେ ସଂସାର ଚଳା

ଛନ୍ତି । ଚିରା ଲୁଗାରେ ତାଳି ପକାଇବା ମଣ୍ଡରେ କି ସଂସାର ଚଳେ ? ଶେଷରେ ମୋତେ ଚାକିରି ସନ୍ଧାନ କରିବାକୁ ପଡ଼ିଲା ।"

—"ତୁମର ମା'ଙ୍କ କୂଳରେ କ'ଣ କେହି ନାହାନ୍ତି ?"

—"ଅଛନ୍ତି, ପାଞ୍ଚ ମାମୁଁ । ସେମାନଙ୍କର ନିଜ ଦୁଃଖ ତାଙ୍କୁ ଭଚ୍ଛି । ସମସ୍ତଙ୍କର ପିଲା ଛୁଆ ଧରି ବଡ଼ ବଡ଼ ଆଉ ଲଗା ଅଲଗା ସଂସାର । ଅଭାବ, ଅନାଟନ ଆଉ ସଂସାର ଜାଳରେ ବାନ୍ଧି ହୋଇ ସେମାନେ ପରଶ୍ରୀକାତର, ଖିଟ୍‌ଖିଟା ବ ଓ ସ୍ୱାର୍ଥପର ହୋଇ ପଡ଼ିଛନ୍ତି । ସେମାନଙ୍କଠୁ ସାହାଯ୍ୟ ।। କରିବା ବୃଥା । ଫାଇନାଲ ପରୀକ୍ଷାର ଫିସ୍ ବାବଦକୁ କେହି ।ତେ ପଚିଶ ଟଙ୍କା ସାହାଯ୍ୟ ଦେଇ ପାରିଲେ ନାହିଁ । ଶେଷରେ ଙ୍କର ଗହଣା ବନ୍ଧକୀ କରିବାକୁ ବାଧ୍ୟ ହେଲି ।"

ଏହି ଲକ୍ଷ୍ମୀ ପ୍ରତିମା ସମ ଅନନ୍ୟ ସୁନ୍ଦରୀ ଝିଅଟିର ନରେ ଏତେ ଝଡ଼ ଝଞ୍ଜା ବହି ଯାଇଛି ଆଉ ତାର ସଂସାର ।ଭିଜ୍ଞ ସରଳ, କୋମଳ ହୃଦୟରେ ଏତେ ଦୁର୍ବିସହ ବେଦନା ।ଭୂତ ହେଇଛି, ଏହି କଥା ଚିନ୍ତା କରି ପାର୍ବତୀ ଦେବୀ ।କ ବିସ୍ମୟରେ ସବିତାକୁ ସହାନୁଭୂତିପୂର୍ଣ୍ଣ ଅଥଚ ଶଂସ ଦୃଷ୍ଟିରେ ଚାହିଁ ରହିଲେ ।

—ତିନି—

ଦଶଟା ସମୟରେ ମନୋଜ ସବିତାକୁ ବାଳିକା ବିଦ୍ୟାଳୟରେ ଆସିବା ପାଇଁ ଗ୍ୟାରେଜରୁ ମଟର କାଢ଼ି ପ୍ରସ୍ତୁତ ହେଲା । ।ତା ପାର୍ବତୀ ଦେବୀଙ୍କ ପାଦଧୂଳି ନେଇ କହିଲା—'ଆପଣଙ୍କୁ ମା' ।କିବାକୁ ପ୍ରବଳ ଇଚ୍ଛା ହେଉଛି । ଆପଣ ମୋର ନବ ଜନ୍ମଦାତ୍ରୀ । ଶରୀର ନିଷ୍ଠୁର ମୃତ୍ୟୁ ମୁଖରୁ ଫେରିଲି ଆଜି ଆପ ।।କୁ ମୋର ବାସ୍ତବରେ ନବଜନ୍ମ ହେଲା । ଜଗତ ସିନା

ଭାବି ମନେ କରି ଆପଣ ଅଯାଚିତ ଭାବରେ ମୋ ପ୍ରତି ଯେ
ସ୍ନେହ ଆଦର ଢାଳି ଦେଲେ, ତାହା ମୋ ଜୀବନରେ ଏକ ଋ
ହୋଇ ରହିଲା ।'

ଏହି ଅଭାଗିନୀ ଯୁବତୀଟିର ନମ୍ର ମଧୁର ବ୍ୟବହାରରେ
ପାର୍ବତୀ ଦେବୀଙ୍କ ମାତୃ ହୃଦୟ ବିଗଳିତ ହେଲା । ତାଙ୍କ ଆ
ସଜଳ ହୋଇ ଉଠିଲା । ମୁହଁରେ ହସ ଫୁଟାଇ କହିଲେ, 'ଆ
ଥାଉ ବହୁତ ହେଲା । ଏ ଋଣ ପରିଶୋଧ ନ କରି ପାରେ
କାଳୁ ମନ୍ଦିରେ ମନ୍ଦିରେ ବଣ୍ଟକୁ ସାଥିରେ ଧରି ମୋତେ ଆସି ଦେ
କରି ଯାଉଥିଲେ, ଋଣର କିଞ୍ଚିତ ସୁଧ ପାଇ ଆଶ୍ୱସ୍ତ ହେବି ।'

ଅନସୂୟା ପାଟି କଲା—'ମା'ଟା ପୁରା ରକ୍ତ ଶୋଷ
ଜମିଦାରର ଝିଅ । ତେଣୁ ବାପ୍ ପରି ସେ ଯେ ସୁଧଖୋ
କାବୁଲିବାଲା ହେବ ଏଥିରେ ସନ୍ଦେହ ନାହିଁ ।'

ସମସ୍ତେ ହସରେ ଫାଟି ପଡ଼ିଲେ । ପାର୍ବତୀ ଦେ
କହିଲେ—'ଛୁଟି ଦିନମାନଙ୍କରେ ତୁମ ଭାଇ ଭଉଣୀଙ୍କର ମଧ୍ୟ
ଭୋଜନର ଆୟୋଜନ ଏଇଠି ହେବ, ଏକଥା ଯେମିତି ଭୁଲି
ଯାଅ ।'

—"ଭୁଲିଲେ—?" ଦୁଷ୍ଟ ହସ ହସି ସବିତା ପାର୍ବତୀ ଦେବ
ଚାହିଁଲା ।

—"ଭୁଲିଲେ, ଦଣ୍ଡ ନେବାକୁ ହେବ ସବି ଭୋଜନ ଖାଇ

—"ବାପରେ ! ନା ବାବା, ଭୁଲିବ ନାହିଁ ।"

ସବିତା ଅନସୂୟାର ହାତ ଧରି କହିଲା—"ଯାଉ
ଭଉଣୀ । ତୁମେ ମତେ ସ୍ନେହ ବନ୍ଧନରେ ଚିର ଦିନ ଲା
ବାନ୍ଧି ରଖିଲ । ତେବେ ସକାଳ ଆଲୁଅରେ ତୁମର ମୋ ପ୍ର
ପ୍ରେମ ପ୍ରତିଜ୍ଞା କୃତ୍ରିମ କି ଅକୃତ୍ରିମ, ତା'ର ପ୍ରମାଣ ଦ
ଭିତରେ···।"

—'ତାହା ଯେ ନିହାତି ଅକୃତ୍ରିମ ତା'ର ପ୍ରମାଣ ହେବ ! ଦିନ ପରେ ସ୍କୁଲ ଫେରନ୍ତା ତୁମ ହଷ୍ଟେଲରେ ହାଜର ଇ ।'

ସବିତା ହସିଲା । କହିଲା—'ହଉ, ଦେଖିବା ।'

ଅନସୂୟା ହସି ହସି ନମସ୍କାର କଲା । ସବିତା ସମସ୍ତଙ୍କ-ଠୁ ବିଦାୟ ନେଇ ବଟ ହାତ ଧରି ଯାଇଁ ମଟରରେ ଲା । ମନୋଜ ମଟରରେ ଷ୍ଟାର୍ଟ ଦେଲା ।

ବ୍ରଜମୋହନ ବାଳିକା ବିଦ୍ୟାଳୟର ସଦର ଫାଟକ ଖରେ ମନୋଜର ମଟର ପହଞ୍ଚିଲାବେଳକୁ ସ୍କୁଲ ଆରମ୍ଭ ାର ପ୍ରଥମ ଘଣ୍ଟା ବାଜୁଥିଲା । ବିଦ୍ୟାର୍ଥିନୀ ବାଳିକା ଓ ଶାତ୍ରୀଗଣ ସ୍କୁଲ ବାହାରେ ପିଣ୍ଡାରେ, ଓ ବଗିଚାରେ ମେଣ୍ଟ ହେଉଥିଲେ । ମଟରରୁ ଅବତରଣ କରୁଥିବା ଏହି ନୂଆ ଥିଗୁଡ଼ିକଙ୍କ ଉପରେ ସମସ୍ତଙ୍କର କୌତୂହଳପୂର୍ଣ୍ଣ ଜିଜ୍ଞାସୁ ଦୃଷ୍ଟି ନିଭୂତ ହେଉଥିଲା । ମନୋଜ ସବିତାକୁ ନେଇ ସିଧା ପ୍ରଧାନ ୟିତ୍ରୀଙ୍କ ଦପ୍ତରରେ ପ୍ରବେଶ କଲା ।

ଏହି ବାଳିକା ବିଦ୍ୟାଳୟଟି ସହରର ଉପକଣ୍ଠରେ ଏକ ବହୁଳ ଅଞ୍ଚଳରେ ନୂଆ ହୋଇ ପ୍ରାୟ ପାଞ୍ଚ ବର୍ଷ ତଳେ ଷ୍ଠିତ ହୋଇଛି । ପ୍ରତିଷ୍ଠାତା ସ୍ୱନାମଧନ୍ୟ ପ୍ରବଳ ପ୍ରତି-ଶାଳୀ ଜମିଦାର ଶ୍ରୀଯୁକ୍ତ ଲଳିତ ମୋହନ ଚାଲିଦାର । ଟି ଏକାଧାରରେ ତାଙ୍କର ସ୍ୱର୍ଗତଃ ପିତା ବ୍ରଜ ମୋହନ ଦାରଙ୍କ ସ୍ମୃତି ମନ୍ଦିର ତଥା ସମାଜ ସେବାମୂଳକ ଶିକ୍ଷା ଷ୍ଠାନ । ସ୍କୁଲଟି ପ୍ରତିଷ୍ଠା କରି ତାଙ୍କ ମନର ଦ୍ୱିବିଧ ବାସନା ହୋଇଛି । ଏହା ଛଡ଼ା ଆଉ ଏକ ପ୍ରଚ୍ଛନ୍ନ ବାସନା ମଧ୍ୟ ନ ହେଉଛି । କଥାଟା ପେଟରେ ପୂରାଇ ରଖିଲେ ଏତିକିରେ ଲଯାଇ ପାରେ ।

ଜମିଦାର ଲଳିତମୋହନ ବାବୁଙ୍କ ପାଞ୍ଚ ପୁରୁଷ ପୂ
ସୁଯୋଗ୍ୟ, ପ୍ରାତଃସ୍ମରଣୀୟ ବଂଶଧର କାଳୀକିଂକର ହାଲଦ
କଲିକତା କଲେକ୍ଟରୀରେ ସାମାନ୍ୟ କୋଡ଼ିଏ ଟଙ୍କା ବେତନ
ଜଣେ କିରାଣୀ ଥିଲେ । ଭାଗ୍ୟଦେବୀ ତାଙ୍କପ୍ରତି ଅଧିକ ସୁପ୍ରସ
ଥିବାରୁ ସେ ମହାଶୟ ଓଡ଼ିଶାର କଟକ ଜିଲ୍ଲାର ସୁବିଖ୍ୟାତ ପା
କୋଣୀ ହରିଚନ୍ଦନ ମାହାଲ ଜମିଦାରୀଟିକୁ ମାତ୍ର ଦୁଇଶତ ଟଙ୍କା
କଲିକତା କଲେକ୍ଟରୀ ହତାରେ ନିଲାମ ଡାକ ପାଇଥିଲେ ।
ଉକ୍ତ ଜମିଦାରୀଟିର ଖେର ଦଖଲ ସେହି ମହାଶୟ
ଉତ୍ତରାଧିକାରୀମାନଙ୍କ ହାତରେ ଗଡ଼ି ଗଡ଼ି, ବଢ଼ି ବଢ଼ି, ପଡ଼ି
ଆଜି ଲଳିତମୋହନବାବୁଙ୍କ ହାତରେ ପଡ଼ିଛି । ପୂର୍ବ ପାଞ୍ଚପୁରୁ
ଧରି ଏହି ହାଲଦାର ବଂଶଧରଗଣ ଓଡ଼ିଶା ଧନରେ କୋ
ନିର୍ବିକଳ୍ପ ଭାବରେ ସ୍ୱର୍ଗୀୟ ସୁଖସ୍ୱାଚ୍ଛନ୍ଦ୍ୟ ଉପଭୋଗ କରିବା ସ
ସଙ୍ଗେ ସୁଗୌର, ସୁଡୌଲ, ସୁସ୍ଥୂଳ ଶରୀରଟିମାନ ଗଢ଼ିଥିଲେ
ଓଡ଼ିଆ ପ୍ରଜାର ଧନରେ କଲିକତାରେ ପ୍ରାସାଦୋପମ ଅ
ପାଞ୍ଚମହଲା ଅଟ୍ଟାଳିକା ନିର୍ମାଣ କରାହୋଇଛି, ଓଡ଼ିଆ ଧନ
ପୁଅ ବିଲାତରୁ ଆଇ. ସି. ଏସ୍. ହୋଇ ଫେରିଛି, ଓଡ଼ିଆ ଧନ
ଝିଅକୁ କଲିକତାରେ ବାରିଷ୍ଟର ବରକୁ ବିବାହ ଦିଆଯାଇ ପାରିଛି
ଓଡ଼ିଶାରେ ଧନ, ଆଉ କଲିକତାରେ ମନ ! ଓଡ଼ିଶାରେ ଭୋଜ
ଆଉ କଲିକତାରେ ଶୟନ ! ଗରିବ ଓଡ଼ିଆଙ୍କର ରକ୍ତ ଶୋ
ଏମାନେ ମୋଟ ହେଲେ, ଆଉ ଓଡ଼ିଆ କଲିକତା ଚଟକଳରେ
ଖୋଟ ଖାଟିଲା ।

ବେଶ୍ ତ ଚାଲିଥିଲା । ଆହା କି ସ୍ୱର୍ଗୀୟ ସୁଖ ! ମାତ୍ର
ପରଶ୍ରୀକାତର କଂଗ୍ରେସୀ ସରକାରକୁ ସୁହାଇଲା ନାହିଁ । କେ
ପ୍ରଦେଶରେ ଆରମ୍ଭ ନ ହେଉଣୁ ଏହି ଓଡ଼ିଶାରେ ପ୍ରଥ
ଜମିଦାରୀ ଉଚ୍ଛେଦ କରିପକାଇଲେ । ହଉ, ଜଳ ଭଳ ଜଳ

ାରଙ୍କୁ ଲୋପ କରି ପ୍ରଜାମାନଙ୍କୁ କେଉଁ ସ୍ୱର୍ଗକୁ ଉଠାଇ
, ଦେଖିବା ଯେ ! ଆମ ଦାନାରେ ଧୂଳି ପକାଇ, ...
। କନାକୁ ଛିରି ପକାଇ ଏ ଯେଉଁ ଦେଶସେବା ··· ଦୁଇ
ାନ ଅତ୍ୟନ୍ତ ବିଚାର କରିବେ ।
ସେତ ଯାହା ହେବାର ହେଲା । ବର୍ତ୍ତମାନ ସମସ୍ୟା ଉଠିଛି
ାଙ୍କର ଅନିଶ୍ଚିତ ଭବିଷ୍ୟତ ସମ୍ବନ୍ଧରେ କଣ ହେବ ?
ନ, ଏମାନଙ୍କର ପୁତ୍ର ସନ୍ତାନମାନେ ଭବିଷ୍ୟତରେ ବଞ୍ଚିବେ
? ଓଡ଼ିଆ ପାଠଶାଳାରେ ସେପରି କିଛି ବିଶେଷତ୍ୱ ନାହିଁ ବୋଲି
ନେ ଯାଇଁ କଲିକତାରେ ପଢ଼ିଲେ । ଓଡ଼ିଆ ଭାଷାଟା ମଧ
କଟିକଣା ଯେ, ଦୀର୍ଘ ପାଞ୍ଚ ପୁରୁଷ ଏଠାରେ ରହିବା ପରେ
ଉମରୂପେ ମୁହଁରେ ପଶୁନାହିଁ । ଏପରିସ୍ଥଳେ ପୁତ୍ର-
ର ଏଠାରେ ରକ୍ଷା କରିବା କଥା ସେମିତି ସେମିତି ।
ହେଲେ କଣ ହେବ ?
କଣ କରିବାକୁ ପଡ଼ିବ ତା'ର ଉପାୟ ବତାଇଲେ ପ୍ରଜାମ-
ନେତା ତାରକ ଦାଦା । ଅସହଣି ଲୋକେ ତାଙ୍କୁ ...
ବୋଲି କହନ୍ତି । ସେ କହିଲେ—"ଏତେ ଚିନ୍ତା କାହିଁକି ?
ପାୟ କହି ଦେଉଛି । ସରକାର ତୁମକୁ ଯେଉଁ କ୍ଷତିପୂରଣ
ଦେଇଚନ୍ତି ସେଥିରୁ କିଛି ଖର୍ଚ୍ଚ କରି ପ୍ରଥମେ ଏହି ସହରରେ
ରେ ଗୋଟାଏ ବାଳିକା ବିଦ୍ୟାଳୟ ତିଆରି କର । ତାପରେ
। ବଦାନ୍ୟତା, ସମାଜ ସେବା, ସ୍ୱାର୍ଥତ୍ୟାଗ ସମ୍ବନ୍ଧରେ ମୁଁ
ଦଳର ମୁଖପତ୍ର ଜରିଆରେ ପ୍ରଚାର ଚଳାଇବି । ତା'ପରେ
ପସ ଟିକଟରେ ତୁମେ ସେହି ଅଞ୍ଚଳରୁ ଆସେମ୍ବ୍ଲି ସଭ୍ୟ
ାଇଁ ପ୍ରାର୍ଥୀ ହୁଅ । ତୁମେ ଯେପରି ଜୟଯୁକ୍ତ ହୁଅ, ସେ
ମୋ ଓ ଆମ ଦଳ ଉପରେ । ବେଶ୍, ହେଇଗଲା । ...
ଗୋଟିଏ ମନ୍ତ୍ରୀ ପଦ ତୁମ ପେଁ ଭକେ ଥୁଆ ।"

କଥାଟା ଲଳିତମୋହନ ବାବୁଙ୍କ ମନକୁ ବେଶ୍ ପାଇ
ସେ ତୁରନ୍ତ ଏହି ବିଦ୍ୟାଳୟଟି ସ୍ଥାପନ କରି ମୁଖ୍ୟମନ୍ତ୍ରୀଙ୍କ (
ଉଦ୍‌ଘାଟନ କଲେ । ତେଣୁ କୁହାଯାଏ, ଏହି ବିଦ୍ୟାଳୟଟି ସ୍ଥା
କରିବା ଫଳରେ ତାଙ୍କର ଚିରନ୍ତନ ତୃଷ୍ଣା ବାସନା ମଧ୍ୟ ପୂ
ହେଲା । ସେ ଭୋଟରେ ଜୟଯୁକ୍ତ ହୋଇ ବ୍ୟବସ୍ଥା ସଭାକୁ ଗ
ଆଉ ମନ୍ତ୍ରୀପଦ ପାଇଲେ ।

ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦପ୍ତର ସହିତ ବିଦ୍ୟାଳୟଟିରେ
ବଖରା ପକ୍କା ଘର । ପ୍ରଶସ୍ତ ବାରଣ୍ଡା ଓ ସମ୍ମୁଖରେ ସୁ
ଉଦ୍ୟାନ ରହିଛି । ତା'ଛଡ଼ା ପଛ ପାଖକୁ ତିନି ବଖରା
ଘରର ଗୋଟିଏ ହଷ୍ଟେଲ ଅଛି । ସେଥିରେ ମଫସଲରୁ ଆସି
ସାତଜଣ ଛାତ୍ରୀ ଓ ଦୁଇଜଣ ଶିକ୍ଷୟିତ୍ରୀ ରୁହନ୍ତି । ବିଦ୍ୟାଳ
କର୍ମଚାରୀ ସଂଖ୍ୟା ସର୍ବମୋଟ ସାତଜଣ । ପ୍ରଧାନ ଶିକ୍ଷୟିତ୍ରୀ
ଛଡ଼ା ଆଉ ତିନିଜଣ ସହକାରୀ ଶିକ୍ଷୟିତ୍ରୀ, ବୃଦ୍ଧ ମାଳୀ, ବା
ଦପ୍ତରୀ ଆଉ ହଷ୍ଟେଲର ଝାସ ମା ରୁକସଣୀ ।

ମନୋଜ ସବିତାକୁ ନେଇ ବିଦ୍ୟାଳୟରେ ପହ
ସମୟରେ ଦେଶର ମନ୍ତ୍ରୀ, ସ୍କୁଲଟିର ପ୍ରତିଷ୍ଠାତା ଓ ସେକ୍ରେ
ଲଳିତମୋହନ ବାବୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହିତ ବସି କଥା
କରୁଥିଲେ । ଡ଼. ଏସ୍. ପି. ପୁତ୍ର ମନୋଜକୁ ଦେଖି ଚିହ୍ନି
କହିଲେ—"ଆରେ, ମନୋଜ ବାବୁ ଯେ ! ଆସନ୍ତୁ, ଆସେ
କ'ଣ ବ୍ୟାପାର ?"

—"ଆପଣଙ୍କର ଖାଇଁ ଦେଖିବାକୁ ଆସିଲି ।"

—"ମୋର ଭାଗ୍ୟ ! ଆରେ ବସନ୍ତୁ ନା । ସାଥେ
ଏମାନେ କେ ?" ଲଳିତମୋହନ ବାବୁ ସବିତାର ଆପ
ମସ୍ତକ ନିରୀକ୍ଷଣ କରିବାକୁ ଲାଗିଲେ ।

—"ଇଏ ଆପଣଙ୍କ ବିଦ୍ୟାଳୟରେ ନବ ନିଯୁକ୍ତା ଶିକ୍ଷୟିତ୍ରୀ
ଶ୍ରୀ ସବିତା ମହାନ୍ତି । ମୁଁ ତାଙ୍କୁ ପହଞ୍ଚାଇ ଦେବାକୁ ଆସିଲି ।"
ବକ୍ତାଙ୍କର ନେତ୍ରରେ ଏକ ଲକ୍ଷ୍ୟରେ ସ୍ୱର୍ଣ୍ଣ ଉଜ୍ଜ୍ୱଳ
ନନ ବାବୁ ଉତ୍ଫୁଲ୍ଲ କଣ୍ଠରେ କହି ଉଠିଲେ—"ଓ ! ଆପଣ
ଶ୍ରୀ ସବିତା ମହାନ୍ତି ? ନମସ୍କାର, ନମସ୍କାର । ମୁଁ ସ୍କୁଲ
ସ୍କାନେର୍ ସେକ୍ରେଟେରୀ ଆଉ ସେ ହେଡ୍‌ମିଷ୍ଟ୍ରେସ୍ ଆପଣଙ୍କ
ହେମିଷ୍ଟ୍ରେସ୍ ମିସ୍ ପ୍ରତିମା ବ୍ୟାନାର୍ଜି ।"
ସବିତା ଉଭୟଙ୍କୁ ହାତ ଉଠାଇ ନମସ୍କାର ହେଲା ।
ଶିକ୍ଷୟିତ୍ରୀ ସବିତା ଉଦ୍ଦେଶ୍ୟରେ ପଚାରିଲେ—"କ'ଣ
ପହଞ୍ଚିଲେ ?"
ସବିତା ଦୃଷ୍ଟି ତୋଳି ଧରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଥରେ ଭଲ
ରେ ଚାହିଁ ଦେଖିଲା । ମୁହଁରେ କୃତ୍ରିମ ଆତ୍ମ ସଂଯମ ଜନିତ
ରତା, ସାବଲୀଳ ଜୀବନର କୃଚ୍ଛ୍ର ସାଧନା ଜନିତ ଆଖିରେ
ପ୍ତ କ୍ଷୁଧିତ ଚାହାଣି । ବୟସ ଚାଳିଶର ପାଖ ଆଖ ହେବ ।
ଓ ଅନାବୃତ ହସ୍ତ ଦ୍ୱୟର ଚର୍ମ ଅଧା ଲୋଳ କୋଳ ହେଲଣି ।
ର ମେଦ ବର୍ଜିତ । ମୁଖରେ ପାନଖିଲି ।
ସବିତା ତାଙ୍କୁ ଚାହିଁ ଉତ୍ତର ଦେଲା—"ନା, କାଲି ସନ୍ଧ୍ୟାରେ
ଛି । ରାତିରେ ମନୋଜ ବାବୁଙ୍କ ଘରେ ଥିଲି ।"
—"ମନୋଜ ବାବୁ କ'ଣ ଆପଣଙ୍କର କେହି ଆତ୍ମୀୟ
ନ୍ତି ?"
—"ନା, ହଁ, ଏମିତି ପରିଚିତ ବ୍ୟକ୍ତି ।" ସବିତା ମହା
ଆରେ ପଡ଼ିଲା । ମନୋଜକୁ ସେ ଜାଣେ ଅଥଚ ଜାଣେ
। ଏ ଉଭୟଙ୍କର ସହରରେ ମନୋଜ ତା'ର ଜଣେ ପରିଚିତ
। ମନୋଜ ତା'ର କେହି ନୁହେଁ । ବଡ଼ ଅଡୁଆ କଥା ।
ସନ୍ତୋଷଜନକ ଉତ୍ତର ସେ ଦେଇପାରେ ?

ମନୋଜ ବି ଏହି ପ୍ରଶ୍ନରେ ଅସ୍ୱସ୍ତି ବୋଧକଲା । ପରିସ୍ଥି
ସହଜ କରିବା ଉଦ୍ଦେଶ୍ୟରେ କହିଲା—"ଆମ ପରିବାର ସ
ଯୁଙ୍କର ଜଣାଶୁଣା ରହିଛି ।"

—"ଓ !" ସମସ୍ୱରରେ ଲଳିତ ମୋହନ ବାବୁ ଓ ପ୍ରଧ
ଶିକ୍ଷୟିତ୍ରୀ କହି ଉଠିଲେ । ଦୁହିଁଙ୍କର ଅର୍ଥପୂର୍ଣ୍ଣ ଦୃଷ୍ଟି ,ବିନିମ
ଘଟିଲା । ଦୁହିଁଙ୍କ ମୁହଁ ଉପରେ ଖାଦ୍ୟ ମାସର ଖଣ୍ଡେ ବାଦଲ ଖେ
ଭାସିଗଲା । ପ୍ରତିମା ଦେବୀ କହିଲେ—"ଆପଣ ତା'ହେ
ମନୋଜବାବୁଙ୍କ ଘରେ ରହିବେ ?"

—"ନା, ନା, ଆପଣଙ୍କ ହଷ୍ଟେଲ୍‌ରେ କ'ଣ ସ୍ଥ
ନାହିଁ ?"

—"ଅଛି, ତା'ହେଲେ ଆପଣ ହଷ୍ଟେଲ୍‌ରେ ରହିବେ ।
ସୁପରିନ୍‌ଟେଣ୍ଡେଣ୍ଟଙ୍କୁ କହି ରୁମ ରହିବାର ସମସ୍ତ ଆୟୋ
କରୁଛି । ଆଉ ଇଏ ?" ବଟକୁ ଉଦ୍ଦେଶ୍ୟ କରି ପ୍ରତିମା ଦେ
ପଚାରିଲେ ।

—"ମୋର ଚାକର ଭାଇ । ଆପାତତଃ, ବର୍ତ୍ତମାନ କିଛିଦ
ପାଇଁ ସେ ମୋ ପାଖରେ ରହିବ ।"

—"ବେଶ୍, ବେଶ୍ । ଆପଣଙ୍କ ରୁଟିନ୍ ପ୍ରସ୍ତୁତ ହୋ
ସାରିଛି । ଯଦି ଇଚ୍ଛା କରନ୍ତି ଆଜିଠାରୁ କାର୍ଯ୍ୟରେ ଯୋଗ ଦେ
ପାରନ୍ତି । ତେବେ ପ୍ରଥମେ ହଷ୍ଟେଲ୍‌କୁ ଯାଇଁ ଆପଣଙ୍କର ଜିନି
ପତ୍ର ଇତ୍ୟାଦି ରଖନ୍ତୁ—ଖିଆ ପିଆ ସାରନ୍ତୁ ।"

ପ୍ରଧାନ ଶିକ୍ଷୟିତ୍ରୀ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ସୁଷମା ଦାସଙ୍କ
ଡାକି ପଠାଇ ସବିତା ସହିତ ପରିଚୟ କରାଇ ଦେଲେ । ତା
ସହିତ ସବିତା ମନୋଜ ଓ ବଟକୁ ସଙ୍ଗରେ ଧରି ହଷ୍ଟେଲ
ଗଲା । ମଟରରୁ ବିଛଣା ଓ ବାକ୍ସ ଦପ୍ତରୀ ଟୋକା ବେ
ଆଣିଲା ।

ହଷ୍ଟେଲରେ ମନୋଜ ସବତାର ସମସ୍ତ ବନ୍ଦୋବସ୍ତ କରି
ଦ୍ବାପୁ ନେଲ । ବଦାପୁ କାଳରେ ସବତା ଥରେ ସ୍ଥିର
ଇ ଅସଂକୋଚ କରୁଣ ଭଙ୍ଗୀରେ ମନୋଜକୁ ଚାହିଁଲା ।
ଧୀରେ କହିଲା—"ମନୋଜ ବାବୁ, ଆପଣ ଏକାଧାରରେ
ଦାଣକର୍ତ୍ତା ଓ ଆଶ୍ରୟଦାତା । ଏହି ନୂଆ ଜାଗାରେ ଗତ
ସେହି ବଭତ୍ସ ଭସ୍ପଙ୍କର ପରିସ୍ଥିତରେ ଯଥା ସମୟରେ
ଆସି ପହଞ୍ଚି ନଥିଲେ, ମୋର କ ଦଶା ଘଟିଥାଆନ୍ତା
ଳଲେ ଦେହ ଥର ଉଠୁଛି । ସ୍ବହିରେ ଆପଣଙ୍କ ଘରେ
ନଦେଇ ହୋଟେଲ, ଧର୍ମଶାଳାର ସନ୍ଦେହପୂର୍ଣ୍ଣ
ମାଟରେ ଛାଡ଼ି ଦେଇଥିଲେ, ମୋର କ'ଣ ଘଟିଥାଆନ୍ତା
। ମଧ୍ୟ ଭାବଲେ ମୋ ଦେହ ଶିଟେଇ ଉଠୁଛି । ଆପଣଙ୍କର
ୟ ଓ ଦୟା ସର୍ବୋପର ଆପଣଙ୍କର ଅଯାଚତ ଆନ୍ତରକତାର
ନରେ ମୋର ଦେବାର କଛି ନାହିଁ । ମୁଁ ମରଯାଏ
ଙ୍କ ନକଟରେ ଋଣୀ ରହିଲ ।"

ମନୋଜ ହସିଲ । କହିଲ—"ଥାଉ । ଲୌକକତା
ଜନ୍ୟ ପ୍ରକାଶରେ ଋଣ ବଢ଼ିବ, କମିବ ନାହିଁ । ଗତ
ଇ ଭଗବାନ ଆପଣଙ୍କୁ ବପଦରୁ ଉଦ୍ଧାର କରିଛନ୍ତି । ମୁଁ
ମାତ୍ର । ଦୈବାତ୍ ସେଠାରେ ପହଞ୍ଚି ଯାଇଥିଲି । ତା' ଛଡ଼ା
ଯାହା କରିଛି ସେ ତ ସାଧାରଣ ମାନବକତା ଦୃଷ୍ଟିରୁ
। ତାହା ଏପର କଛି ଅସାଧାରଣ କାର୍ଯ୍ୟ ନୁହେଁ, ଯାହା
ଆପଣ ଋଣୀ ରହିବେ ।"

—"ଆପଣ ଉଦାର, ତେଣୁ ସଂସାରଟାକୁ ସେହି ଦୃଷ୍ଟି
ରୁ ବଚାର କରୁଛନ୍ତି ।"

—"ଏତେ ପ୍ରଶଂସା ପାଇ ରଖିବ କେଉଁଠି ? ଏହି ପ୍ରଶସ୍ତି
ବାଣ ନକ୍ଷେପ କର ମୋତେ ଘାଇଲା କରିବାକୁ ବସିଛନ୍ତି ?"

ସବିତା ଖିଲ୍ ଖିଲ୍ ହୋଇ ହସି ଉଠିଲା । କହିଲା— "ହେଲେ ମୁଁ ଅପରାଧିନୀ ହେବି । ତା'ଛଡ଼ା ଆପଣଙ୍କ ଘର ଦେବାର ସମସ୍ତ ପଥ ରୁଦ୍ଧ ହୋଇ ସାରିଛି...... ।"

ମନୋଜ ହସିଲା । କହିଲା—"ଆପଣଙ୍କର ସମସ୍ତ କରୁଛି । ଯାଉଛିରେ ବଟ !" ବଟର ପିଠି ଥାପୁଡ଼ାଇ ଦେଇ ବିଦାୟ ନେଲା ।

ସବିତା ନମସ୍କାର ଜଣାଇ ତା'ର ଯିବା ପଥକୁ ଦୃଷ୍ଟିରେ ଚୁମ୍ବି ରହିଲା ।

## — ଚାରି —

ଝଡ଼-ଝଞ୍ଜା-ଅତ୍ୟାଚରିତ, ଶତ ବାଧାବିଘ୍ନ ଓ ଅ
ଅନାଟନରେ କ୍ଷତ ବିକ୍ଷତ ସବିତାର ଜୀବନରେ ଆଜି ନ
ପର୍ଯ୍ୟାୟ ଆରମ୍ଭ ହେଲା । ଆଜି ସେ ତାର ଅନ୍ତର୍ଯ୍ୟା
ନିକଟରେ ପ୍ରଣାମ ଜଣାଇ ତା'ର ନୂତନ ଜୀବନର ନ
ଅଭିଜ୍ଞତା ଲାଗି ନିଜକୁ ପ୍ରସ୍ତୁତ କଲା । ସେ ଗତ ଜୀବନର ସ
ଦୁଃଖ ଅବସାଦ ପାଶୋରି ମଧୁର, ଅନାଗତ ସ୍ୱପ୍ନ ଆଣ
ନୂଆ ଉତ୍ସାହରେ କର୍ମ ଜଗତକୁ ଝାମ୍ପ ଦେଲା । ନବୀନ
ଓ ଉତ୍ତେଜନାରେ ତାର ଅଙ୍ଗସାରା ଗୋଟାଏ ଉଦ୍ଦୀପନାର ବ
ଖେଳିଗଲା ।

ତାର ପ୍ରଥମ ଦିନର ଶିକ୍ଷୟିତ୍ରୀ-ଅଭିଜ୍ଞତା ଟିକିଏ ଅଭି
ଧରଣର । ପ୍ରଥମ ଦିନ ସେ ଷଷ୍ଠ ଶ୍ରେଣୀରେ ସାହିତ୍ୟ ପଢ଼ାଇ
ଆସି, ଚିତ୍ତର ଚଞ୍ଚଳତା ଗୋପନ କରିବା ଲାଗି ମୁହଁରେ
ଫୁଟାଇ ଶ୍ରେଣୀରେ ପ୍ରବେଶ କଲା । ଛାତ୍ରୀଗଣ ଆସନରୁ
ନମସ୍କାର ଜଣାଇଲେ । ସବିତା ନିଜ ଆସନରେ ବସି
ଶ୍ରେଣୀଟିର ସମସ୍ତ ଛାତ୍ରୀଙ୍କୁ ନିରୀକ୍ଷଣ କରି ଦେଖିଲା ।

ଶ୍ରେଣୀଟିରେ ପ୍ରାୟ ତିରିଶ ଜଣ ଛାତ୍ରୀ ବସିଥିଲେ । ଏଗାର
ରୁ ପନ୍ଦର ବର୍ଷ ବୟସର । ଫ୍ରକ୍ ପିନ୍ଧିଥିବା ଦୁଇତିନିଜଣ
ାଙ୍କ ଛଡ଼ା ବାକି ସମସ୍ତେ ଶାଢ଼ୀ ପିନ୍ଧିଥିଲେ । ବାଳିକାଗଣ
ପ୍ରାୟ ନିମ୍ନ ମଧ୍ୟବିତ୍ତ ତଥା ଗରିବ ଘରର ଝିଅ । ପାଦରେ
ଜୋତା ବା ଚଟି ନାହିଁ । ପୋଷାକ ପରିଚ୍ଛଦ ମଧ୍ୟ ଅର୍ଦ୍ଧ
ଓ ଶୃଙ୍ଖଳାହୀନ । ପଛ ବେଞ୍ଚରୁ ଜଣେ ଝିଅ ଛିଡ଼ାହୋଇ
ଲୁ ପଚାରିଲା—"ଆମେ ଆପଣଙ୍କୁ କଣ ଡାକିବୁ ?"
ସବିତା ହସିଲା । କହିଲା—"ଅନ୍ୟ ଶିକ୍ଷୟିତ୍ରୀମାନଙ୍କୁ ଯାହା
ମାରେ ମଧ୍ୟ ସେୟା ଡାକିବ ।"

—"ଦିଦି ବୋଲି ଡାକୁଁ ।"

—"ଓଡ଼ିଆ ଭାଷାରେ ଦିଦି ବୋଲି କିଛି ଶବ୍ଦ ନାହିଁ ।
ମାଗିଆଣିବା ଡିଉଣ ସୁଆଦ ଲାଗେନାହିଁ । ତୁମେ ମୋତେ
ଅପା କିମ୍ବା ସବିତା ନାନୀ ବୋଲି ଡାକିପାର ।"

—"ସବିତା ଅପା, ସବିତା ଅପା !" ବାଳିକାମାନେ
ରେ ଉତ୍ଫୁଲ୍ଲ ହୋଇ ଚିତ୍କାର କରିଉଠିଲେ । ତାଙ୍କ ଭିତରୁ
ାଳିକା ଆଶଙ୍କାଭଗ୍ନ କଣ୍ଠରେ ଧୀରେ ଧୀରେ ପଚାରିଲା
ବିତା ଅପା, ଅପଣଙ୍କୁ ଅପା ଡାକିଲେ ବଡ଼ଦିଦି ରାଗିବେ
?"

—"କାହିଁକି ? ଏଥିରେ ରାଗିବାର କଣ ଅଛି ? ଓଡ଼ିଆ
ର ଦିଦି ଶବ୍ଦକୁ ଅପା କିମ୍ବା ନାନୀ ବୋଲି କୁହାଯାଏ ।
ସମ୍ବୋଧନ ତ ଦୋଷାବହ ନୁହେଁ ? ତା'ଛଡ଼ା, ସେ ଯେଉଁ
ାକକୁ ପସନ୍ଦ କରୁଛନ୍ତି, ତାଙ୍କୁ ସେପରି ସମ୍ବୋଧନ
"

—"ଠିକ ହେଉଛି, ଠିକ ହେଉଛି । ଆମେ [illegible]
ଆଉ ସମସ୍ତଙ୍କୁ ଅପା ବୋଲି ଡାକିବୁଁ ।

ନିଜର ସରଳ ବ୍ୟବହାର, ମଧୁର ସ୍ୱଭାବ ତଥା ମ
ହସ ବଳରେ ସବିତା ଅତି ଅଳ୍ପ ସମୟ ମଧ୍ୟରେ ଏହି 
ବାଳିକାମାନଙ୍କର ହୃଦୟ ଜୟ କରି ପାରିଲା । ସେ ଗୋ
ସେମାନଙ୍କର ଆପଣାର ନିହାତି ନିକଟ ସମ୍ପର୍କୀୟା 
ଉଠିଲା । ଛାତ୍ରୀମାନେ ତାକୁ ଭୟ ଓ ସମ୍ଭ୍ରମ କରିବା ପ
ଶ୍ରଦ୍ଧା କରିବାକୁ ଲାଗିଲେ । ସେମାନେ ତାକୁ ଶିକ୍ଷୟିତ୍ରୀ ଦୃଷ୍ଟି
ନ ଦେଖି ନିଜର ବଡ଼ ଭଉଣୀ ରୂପେ ଦେଖିଲେ । ନିଜର 
ବ୍ୟବହାରଦ୍ୱାରା ଛାତ୍ରୀମାନଙ୍କର ମନ କିଣି ପାରିଥିବା ଦେଖି 
ମଧ୍ୟ ମନେ ମନେ ପ୍ରୀତି ଅନୁଭବ କରିଥିଲା । ମାତ୍ର ପରେ ମୁହୂ
ତା'ର ଏହି ଅତି ସରଳତାର ସୁଯୋଗ ଗ୍ରହଣ କରି କେ
ବାଳିକା କେତୋଟି ଅବାଞ୍ଛିତ ପ୍ରଶ୍ନ ପଚାରି ତାକୁ ମହା ଅଡୁ
ପକାଇଥିଲେ । ଗୋଟିଏ ଅପେକ୍ଷାକୃତ ଅଧିକ ବୟସର 
ହଠାତ୍ ତାକୁ ପ୍ରଶ୍ନ କରି ବସିଲା—"କାଲି ଆପଣ ଯ
ସହିତ ମଠରେ ଆସିଥିଲେ ସେ କ'ଣ ଆପଣଙ୍କର ସ୍ୱାମୀ ?

ହଠାତ୍ ସବିତାର ମୁଖମଣ୍ଡଳରେ ରକ୍ତିମ ଆଭା
ଉଠିଲା । ସେ ଧରଣର ବ୍ୟକ୍ତିଗତ ଓ ଅନଧିକାର ମୂଳକ
ନିଜର ଛାତ୍ରୀମାନଙ୍କଠାରୁ ଆଶା କରି ନଥିଲା । ଏହି ଅବ
ବାଳିକାମାନଙ୍କର ଏ ଧରଣର ପ୍ରଶ୍ନ ଫଳରେ ତା ମ
ଅସନ୍ତୋଷ ଓ ରାଗ ଜନ୍ମିଲା । ସେ ହଠାତ୍ ଗମ୍ଭୀର 
ପଡ଼ିଥିଲା । ମାତ୍ର ତା'ର ଗମ୍ଭୀରତା କିମ୍ବା ନୀରବତା ଛାତ୍ରୀ
କୌତୂହଳକୁ ଦ୍ୱିଗୁଣିତ କରିବା ଆଶଙ୍କାରେ ସେ ସହଜ 
ଭଙ୍ଗୀରେ ହସି ହସି ଉତ୍ତର ଦେଲା—"ନା, ସେ ମୋର 
ଜଣାଶୁଣା ଲୋକ ।"

—"ଆପଣଙ୍କ ସ୍ୱାମୀ ତା'ହେଲେ କେଉଁଠି ଥାଆନ୍ତି ?"
ଜଣେ ଛଳଲିପ୍ସୁ ବାଳିକା ପଚାରି ବସିଲା ।

।କ ଅଦ୍ଭୁତ ପ୍ରଶ୍ନ ! ସ୍ୱଭାବତା ଏହି ପ୍ରଗଲ୍ଭା ବାଳିକାମାନଙ୍କର
ଯେତେ ସଂକ୍ଷିପ୍ତ ଉତ୍ତର ଦେଇ ଏଡ଼ାଇ ଦେବାକୁ ଚେଷ୍ଟା
ଏମାନେ ସେତେ ତାଙ୍କୁ ବ୍ୟକ୍ତିଗତ ପ୍ରଶ୍ନର ଗୋଲକଧନ୍ଦା
ର ଛନ୍ଦ ପକାଉଛନ୍ତି । ଏମାନଙ୍କ ପ୍ରଶ୍ନର ଯଥାଯଥ ସତ୍ୟ
ନ ଦେଲେ ତାଙ୍କର କୌତୂହଳ ଦମନ ହେବନାହିଁ ମନେ
ବ୍ରତା କହିଲେ—"ମୁଁ ବିବାହ କରିନାହିଁ । ମୋର ବାହା
ହେଲେ ତୁମେ ସମସ୍ତେ ଯଥାକାଳରେ ଜାଣି ପାରିବ ଆଉ
ଠା ଖାଇବ ।"

ଏହି ଧରଣର ସତ୍ୟ ଉତ୍ତର ସହଜ ଓ କୌତୁକପୂର୍ଣ୍ଣ
ର ପ୍ରକାଶକରି ନିଜ ମନର ଅସ୍ୱସ୍ତିକୁ ଦୂରୀଭୂତ କରିବା
ସଙ୍ଗେ ସୁବ୍ରତା ଏହି କୌତୂହଳପ୍ରିୟା ବାଳିକାମାନଙ୍କର
ତରଳ ଓ ଭିନ୍ନ ଚିନ୍ତାମୁଖୀ କରାଇ ପାରିଲେ । ଛାତ୍ରୀଗଣ
ଶି ହୋଇ ହସି ଉଠିଲେ । ଏହି ପ୍ରଗଲ୍ଭା ବାଳିକାମାନଙ୍କୁ
ଏକ ଅଦ୍ଭୁତ ପ୍ରଶ୍ନ ପଚାରିବାର ସୁଯୋଗ ନ ଦେଇ, ଏ ଧରଣର
ଚନାରୁ ସେମାନଙ୍କୁ ନିବୃତ୍ତ କରିବା ଇଚ୍ଛାରେ ବଡ଼ କୌଶଳ
ରେ ସୁବ୍ରତା ଜଣେ ବାଳିକାକୁ ପଚାରିଲେ—"ତୁମର ନାମ
?"

—"ଶ୍ରୀମତୀ ସାବିତ୍ରୀ ପଣ୍ଡା ।"

—"ସାବିତ୍ରୀ ! ବାଃ ବେଶ ନାମ ତ ! ମାତ୍ର ତୁମେ
ଠିକାର ପଣ୍ଡା ? ପୁରୀ ପଣ୍ଡା ନା କାଶୀ ପଣ୍ଡା ?"

ବାଳିକାଗଣ ପୁଣି ହସି ଉଠିଲେ । ସାବିତ୍ରୀ ମଧ୍ୟ ଲଜ୍ଜା
ହଁ କରି ହସି ପକାଇଲା । ଏଥର ସୁବ୍ରତା ଆଉ ଜଣେ
ଶିମା ବାଳିକାକୁ ପଚାରିଲେ—"ତୁମର କି ନାମ ?"

—"ଶ୍ରୀମତୀ ସରସ୍ୱତୀ ରାଉ ।"

—"ଓ, ତୁମେ ଚା'ହେଲେ ସରସ୍ୱତୀ ! ସରସ୍ୱତୀ ତ
ବିଦ୍ୟାରେ ସୁପଣ୍ଡିତା, ବୀଣାରେ ସୁବାଦିକା ଆଉ ଗୀ
ସୁଗାୟିକା । ତୁମେ ବି ଚା'ହେଲେ ଭଲ ଚିତ୍ର ଆଉ
ଗାଇପାର । ଆସ, ଏହି କବିତାଟା ଆବୃତ୍ତି କର ।"

ପ୍ରଗଲ୍‌ଭ ବାଳିକାମାନଙ୍କର ମନକୁ ଚତୁରତା ସହିତ
କରି ସବିତା ଏଥର ପାଠ୍ୟ ପୁସ୍ତକର ଗୋଟିଏ କବିତା ଆ
କରିବା ଲାଗି ସରସ୍ୱତୀକୁ ଆହ୍ୱାନ କଲା । ସେହି ଅଳ୍ପ ବା
ସରଳା ବାଳିକାଟି ସବିତା ମୁହଁରୁ ପ୍ରକାରାନ୍ତରେ ନିଜର ପ୍ରଂ
ଶୁଣି ଗଭୀର ଉତ୍ସାହ ଓ ପୁଲକିତ ହୃଦୟରେ କବିତାଟି ସୁ
ଭାବରେ ଆବୃତ୍ତି କରିବାକୁ ଚେଷ୍ଟା କଲା । ଅନ୍ୟାନ୍ୟ ବା
ମଧ୍ୟ ତାଦୃଶ ପ୍ରଶଂସା ଆଶାରେ ସରସ୍ୱତୀଠାରୁ ଅଧିକ
ଭାବରେ ଆବୃତ୍ତି କରିବାକୁ ଚେଷ୍ଟା କଲେ ।

ସବିତା ପଢ଼ାଉଥିବା ଶ୍ରେଣୀରେ ଛାତ୍ରୀମାନଙ୍କର ହାସ୍ୟ
ଶୁଣୁଥିବା ବିଷୟ ପ୍ରଧାନ ଶିକ୍ଷୟିତ୍ରୀ ମିସ୍ ପ୍ରତିମା ବ୍ୟାନ
ଅନେକ ବେଳରୁ ଲକ୍ଷ୍ୟ କରୁଥିଲେ । ନୂତନ ଶିକ୍ଷୟିତ୍ରୀ
ପଢ଼ାଇବା ପ୍ରଣାଳୀରେ କୌଣସି ଅଭିନବତ୍ୱ ଲକ୍ଷ୍ୟ କରି ଛା
ମାନେ ହସୁଥିବା ମନେକରି ମିସ୍ ପ୍ରତିମା ବୁଲ ବୁଲ ହେଇ
ଶ୍ରେଣୀରେ ପ୍ରବେଶ କଲେ । ସବିତା ସ୍ମିତ ହସି ତାଙ୍କୁ ଅଭ୍ୟ
କଲା । ଅନେକ ସମୟ ସେଠାରେ ବସି ପ୍ରଧାନ ଶିକ୍ଷ
ସବିତାର ପଢ଼ାଇବା ପ୍ରଣାଳୀ ଲକ୍ଷ୍ୟ କଲେ । ତା'ପରେ ସେ
ଶେଷରେ ଲେଉଟିବା ଲାଗି ଛିଡ଼ା ହୋଇ ଗୋଟିଏ ବାଳି
ପଚାରିଲେ—"ତୁମର ସବିତା ଦିଦି ତା'ହେଲେ ଭଲ ।"

—"ସବିତା ଅପା ଖୁବ୍ ଭଲ, ବଡ଼ ଭଲ !"

—"ଅପା···"

—"ହଁ, ସବିତା ଅପା କହିଲେ, ତାଙ୍କୁ ସେହିପରି
କୁ ।"
ଗୁସ୍ଥ ମୁଖ ଓ ଅର୍ଦ୍ଧସ୍ଫୁଟ ସ୍ମିହାଣିରେ ମିସ୍ ପ୍ରତିମା ସବିତାଙ୍କୁ
। ସବିତା କହିଲା—"ହଁ, ସେପରି ମୋତେ ଡାକିବାକୁ
ଙ୍କୁ କହିଛି ।"
—"ବେଶ ବେଶ, ଆପଣଙ୍କୁ ଯଦି ସେପରି ସମ୍ବୋଧନ
ମନେ ହେଉଛି ତା'ହେଲେ ଡାକନ୍ତୁ ସେମାନେ ସେପରି ।
ାନଙ୍କ ପକ୍ଷରେ 'ସାର' ଶବ୍ଦ ପରି ଯେତେଦିନ ଯାଏ
ମାନଙ୍କୁ ସମ୍ବୋଧନ କରିବାର ଏକ ଉପଯୁକ୍ତ ଶବ୍ଦ ସୃଷ୍ଟି
ଛନ୍ତି, ସେତେଦିନ ପର୍ଯ୍ୟନ୍ତ ସେମାନଙ୍କ ଅଭିରୁଚି ଅନୁଯାୟୀ
ିଣସି ଶବ୍ଦରେ ତାଙ୍କୁ ସମ୍ବୋଧନ କରାଯାଉ । ଏଥିରେ
କିଛି କହିବାର ନାହିଁ । ତେବେ ସଂଭ୍ୟତାସୂଚକ
ସମ୍ବୋଧନ ସପକ୍ଷରେ ସମସ୍ତେ ଏକମତ ହେବେ ବୋଲି
ଶା କରୁଛି । ବେଶ ବେଶ !"
ଭୂଙ୍କନ୍ନ ଅସନ୍ତୋଷ ଓ ଗମ୍ଭୀର ମୁଖ ଧରି ପ୍ରଧାନ ଶିକ୍ଷୟିତ୍ରୀ
ର ଶ୍ରେଣୀରୁ ନିଷ୍କ୍ରାନ୍ତା ହେଲେ । ଏହି ମିସ୍ ପ୍ରତିମା
ୀ ସେକ୍ରେଟେରୀ ଲଳିତମୋହନ ବାବୁଙ୍କର ଦୂର
ପୁ ଶ୍ୟାଳିକା ହୁଅନ୍ତି । ସେ ମଧ୍ୟ ଓଡ଼ିଶାର ଏକ ବଡ଼
ଜମିଦାରଙ୍କ କନ୍ୟା । କଲିକତାରେ ରହି ବି. ଏ. ପଢ଼ୁ
ପ୍ରତିମା ଦେବୀଙ୍କର ଜୀବନର ପାଞ୍ଚ ପଚିଶ ବର୍ଷ ଅତିବାହିତ
ତା'ପରେ ତାଙ୍କୁ ହଠାତ୍ ଟିସ ଜଗତରେ ଅଭିନ
ର ନିଶା ଘାରିଲା । ସେଠାରେ ଦୁଇବର୍ଷ କାଳ ନଜ
ନିପୁଣ୍ୟରେ କେତେ ପରିଚାଳକ ଓ ପ୍ରଯୋଜକଙ୍କୁ ମୁଗ୍ଧ
ଛଡ଼ା ଅକଳାଙ୍ଗ ଦର୍ଶକମାନଙ୍କର ମନ ଜୟ କରି
ଲ ନାହିଁ । କେଣ [illegible]

ଗଲା । ତାପରେ ନିଜର ସଂସାର ପ୍ରତିଷ୍ଠା କରିବାର ଚେଷ୍ଟା
ଦୁଇ ବର୍ଷ କାଳ କରି ଦେଖିଲେ ଯେ, ସର୍ବ ଜାଗରଣ, ଅଖ
ଭକ୍ଷଣ ଓ ଅନ୍ୟାନ୍ୟ ନାନାଦି ଗୋପନୀୟ ପ୍ରକ୍ରିୟା କ
ସ୍ୱାସ୍ଥ୍ୟଭଙ୍ଗ ତାଙ୍କର ଅବସ୍ଥାନ୍ତ ଖ ଯୌବନକୁ ଏପରି ଏକ ସ୍ତର
ଆଣି ପହଞ୍ଚାଇଲାଣି, ଯାହା ଫଳରେ ବିବାହ-ବଜାରରେ ତ
ମୂଲ୍ୟ କଣାକର ବି ନାହିଁ । ତେଣୁ ଭଗ୍ନମନୋରଥ ହୋଇ ସେ
ସେ ପ୍ରଚେଷ୍ଟାରୁ କ୍ଷାନ୍ତ ହେବାକୁ ପଡ଼ିଲା । ତା'ପରେ ସ
ବିବାହ ରୂପକ ନରକ ଯନ୍ତ୍ରଣାରେ ପଶି ହେବ ନାହିଁ, ଏହି
ପ୍ରତିଜ୍ଞା କରି ଶିକ୍ଷାଦାନ ବୃତ୍ତି ଅବଲମ୍ବନ କରି ସହର ମଫସ
ଭିନ୍ନ ଭିନ୍ନ ବିଦ୍ୟାଳୟମାନଙ୍କରେ ବିଭିନ୍ନ ସମୟରେ ଶିକ୍ଷା
କରି ଶେଷରେ ଚଡ଼ ଗଡ଼ ବ୍ରଜମୋହନ ବାଳିକା ବିଦ୍ୟାଳୟ
ପହଞ୍ଚିଲେ । ପହଞ୍ଚିଲେ କହିଲେ ଠିକ ହେବନାହିଁ — ନିମନ୍ତ୍ରି
ହୋଇ ଆସିଲେ ।

ଲଳିତ ମୋହନ ବାବୁ ଦେଶର ପୂଜ୍ୟ ନେତା ହେଁସଦା
(କ୍ଷମା କରିବେ) ତାଙ୍କ ଦାଦାଙ୍କ ପ୍ରରୋଚନାରେ ଯେତେବେ
ଏହି ବିଦ୍ୟାଳୟ ପ୍ରତିଷ୍ଠା କଲେ ସେତେବେଳେ ଏହି ପ୍ରତିଷ୍ଠାନ
ଦାୟିତ୍ୱ କିଏ ସମ୍ଭାଳିବ ଚିନ୍ତା କରି କରି ତାଙ୍କୁ ଖାଦ୍ୟ ରୁଚ
ନାହିଁ । ଏହି ଦାୟିତ୍ୱ ଲାଗି ସେପରି କେହି ଉପଯୁକ୍ତା ପ୍ରାର୍ଥିନୀ ମ
ମିଳିବାରୁ ଶେଷରେ ବହୁ ଅନୁସନ୍ଧାନ କରି ଓଡ଼ିଶାର ଏହି ବ
ମହିଳାଙ୍କୁ କାର୍ଯ୍ୟଭାର ଗ୍ରହଣ କରିବାକୁ ଅନୁରୋଧ କଲେ ।
ପ୍ରତିମା ମଧ୍ୟ ନିଜର ବୃହତ୍ କଟାର୍ଜନର ମାୟା ତ୍ୟାଗକରି କେ
ଏହି ଅନୁନ୍ନତ ପ୍ରଦେଶର ସମାଜ କଲ୍ୟାଣ ଲାଗି ଉକ୍ତ ଦାୟି
ଗ୍ରହଣ କଲେ । ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ତୁଲାଇ ତାଙ୍କର
ପାଞ୍ଚବର୍ଷର କାର୍ଯ୍ୟକାଳ ଭିତରେ ସେ ଯେ ଖାଲି ବିଦ୍ୟାଳୟ
ସର୍ବାଙ୍ଗୀନ ଉନ୍ନତି ବିଧାନ କରିଛନ୍ତି ସେତିକି ନୁହେଁ, ତା'

ତମୋହନ ବାବୁଙ୍କର ଅତି ବିଶ୍ୱସ୍ତ ଓ ଅତି ଆପଣାର
ାଣିଛନ୍ତି । ଗୋଟିଏ କଥାରେ କହିଲେ ସେହିଁ ସ୍କୁଲଟିର
କର୍ତ୍ତ୍ରୀ । ଲଳିତ ମୋହନ ବାବୁ ତାଙ୍କର କଥାରେ
ଚଳନ୍ତି । ଅନେକେ ଦୁହିଁଙ୍କ ଭିତରେ ଏକ ଗୋପନୀୟ
ଗୁବାକଥା ରଚନା କରନ୍ତି, କିନ୍ତୁ ତାହା ପ୍ରମାଣ
।

ସ ଯାହାହେଉ, ପ୍ରଧାନ ଶିକ୍ଷୟିତ୍ରୀ ସପ୍ତମ-ଶ୍ରେଣୀକୁ
ହେବା ମୁହୂର୍ତ୍ତରେ ଶ୍ରେଣୀଟିରେ ଗୋଟାଏ ଅସ୍ୱାଭାବିକ
ଖେଳିଗଲା । ଜଣେ ଛାତ୍ରୀ ଶଙ୍କାକୁଳ ଚିତ୍ତରେ ଧୀରେ
ୟିତ୍ରୀଙ୍କୁ ପଚାରିଲା—'ତା'ହେଲେ ଆମେ କ'ଣ
ଦିଦି ବୋଲି ଡାକିବୁ ?'

ୟିତ୍ରୀ ଛାତ୍ରୀଟିର ବୟସ ଓ ନିରୁତ୍ସାହ ପ୍ରକାଶ ଭଙ୍ଗୀ
ାସି ପକାଇଲା । କହିଲା—'କାହିଁକି ? ଅପା ବୋଲି
ଏଥିରେ ଭୟ କରିବାର କଣ ଅଛି ।'

-'ଏଥିପାଇଁ ବଡ଼ ଦିଦି ରାଗିଛନ୍ତି ବୋଲି ମନେ
'

-'କିଏ କହିଲା ? ସେତ ଏହି ନୂଆ କଥା ଶୁଣି
ହେଲେ । ତୁମେମାନେ ତାଙ୍କୁ ଭୁଲ ବୁଝିଛ । ନିଜ
ରେ କଥା କହିଲେ କାହାରି ରାଗିବାର ବା ଅସନ୍ତୁଷ୍ଟ
କୌଣସି କାରଣ ନାହିଁ । ତୁମେମାନେ ମୋତେ
ଅପା ବୋଲିହିଁ ଡାକିବ ।'

ଙ୍କର ଏହି ସରଳ ଛାତ୍ରୀଙ୍କ ନିକଟରେ ଅପା ସମ୍ବୋଧନ
ଯେତେ ସାନ୍ତ୍ୱନାଜନକ ଯୁକ୍ତି ବାଢ଼ିଲେ ମଧ୍ୟ ନିଜେ
ଯେ ମନ ଭିତରେ ଟିକିଏ ଦୁର୍ବଳତା ଓ ନିରୁତ୍ସାହ
ଭୋଗୁଛନ୍ତି ଏହା ବିଶେଷ ସାହସର ସହିତ ଲୁଚାଇ

ପାରିବ ନାହିଁ । ଶ୍ରେଣୀରୁ ନିଷ୍କ୍ରାନ୍ତ ହେବା ସମୟରେ ଛା
ଶିକ୍ଷୟିତ୍ରୀଙ୍କର ଅସ୍ୱାଭାବିକ ଗମ୍ଭୀରତା ଓ ଅପ୍ରସନ୍ନତା
ମଧ୍ୟ ଲକ୍ଷ୍ୟ କରିଛି । ତାଙ୍କ ମନରେ ଅସନ୍ତୋଷ ସୃଷ୍ଟି
ନିଜର ନୂତନ ବ୍ୟକ୍ତିତ୍ୱର ସ୍ୱଚ୍ଛନ୍ଦତା ସମ୍ବନ୍ଧରେ ସେ
ସନ୍ଦିହାନ ହେଉଥିଲେ ସୁଦ୍ଧା ସେ ଯେ କୌଣସି ଅନ
କାର୍ଯ୍ୟ କରି ନାହିଁ ଏତିକ ଚିନ୍ତା କରି ସେ ନିଜକୁ ସା
ଦେଲା । ଯୁକ୍ତିଛଳରେ ଛାତ୍ରୀଗଣଙ୍କୁ ବୁଝାଇବାକୁ ଯାଇଁ ପ୍ରକାରା
ସେ ନିଜକୁ ବୁଝାଉଥିଲା ।

କ୍ରମେ ଦିନ ପରେ ଦିନ, ମାସ ପରେ ମାସ ଅତିବା
ହେବା ସଙ୍ଗେ ସଙ୍ଗେ ସେ ବିଦ୍ୟାଳୟଟିରେ କ ଶିକ୍ଷୟିତ୍ରୀ
ଛାତ୍ରୀ ସମସ୍ତଙ୍କ ନିକଟରେ ନିଜର ସରଳ ସ୍ୱଭାବ ଓ ହାସ୍ୟ ମ
ବ୍ୟବହାର ବଳରେ ଅତି ପ୍ରିୟପାତ୍ରୀ ହୋଇଉଠିଲା । ଛାତ୍ରୀ
ସବିତାଙ୍କୁ ତାଙ୍କର ଶିକ୍ଷାଦାତ୍ରୀ ରୂପେ ଜ୍ଞାନ କରୁନଥିଲେ, ନା
କୌଣସି ପ୍ରିୟସଖୀ ରୂପେ ମନେ କରୁଥିଲେ । ସବିତା ବାଳିକା
ସହିତ ବାଳିକା ପରି ଆଉ ବୟସ୍କାଙ୍କ ସହିତ ତଦନୁରୂପ ବ୍ୟବହା
କରୁଥିଲା । ତାର ମଧୁର ସ୍ୱଭାବ ଓ ମନକିଣା ହସ ବଳ
ସମସ୍ତଙ୍କୁ ଦଣ୍ଡକରେ ଆପଣାର କରିପାରିବା ତାର ବ୍ୟବହାର
ଏକ ପ୍ରଧାନ ବିଶେଷତ୍ୱ ।

ଗୋଧୂଳି ବେଳାରେ ସବିତା 'ହଷ୍ଟେଲର କେ
ଛାତ୍ରୀଙ୍କୁ ସଙ୍ଗରେ ଧରି କେବେ ବିଦ୍ୟାଳୟର ଉଦ୍ୟାନରେ
ମାଳି ସହିତ ଫୁଲଗଛରେ ପାଣିଦିଏ, ଘାସ କାଟେ, ସି
କାଟେ । କେବେ ବା ଛାତ୍ରୀଙ୍କ ସହିତ ବୋହୂଚୋରି, କବ
କିମ୍ବା ରିଙ୍ଗ୍‌ବଲ ଖେଳେ । ଛୁଟିଦିନର ସନ୍ଧ୍ୟାବେଳା ପୁଣି ଛାତ୍ରୀମା
ସଙ୍ଗରେ ଧରି ହଷ୍ଟେଲର ବୃଦ୍ଧ ପାଚକ ସହିତ ବେଶେଇ
କରେ । ତା'ର ଏହି ମଧୁର ଚରିତ୍ର ଓ ...

ାର ଯୋଗୁଁ ତାକୁ ବିଦ୍ୟାଳୟରେ ସାଥୀ-ଶିକ୍ଷୟିତ୍ରୀ ଓ ଠାରୁ ମାଳୀ ଓ ବୃଦ୍ଧ ସୂପକାର ପର୍ଯ୍ୟନ୍ତ ସମସ୍ତେ ସ୍ନେହ କରନ୍ତି ।

## —ପାଞ୍ଚ—

ସେଦିନ ଗୋଧୂଳି ଲଗ୍ନରେ ସବିତା ହଷ୍ଟେଲର କେତେକ ଙ୍କ ସହିତ ସ୍କୁଲ ପଛପଟର ଖୋଲାଜାଗାରେ ବୋହୂବସନ୍ତ ଥିଲେ । ହଠାତ୍ ସେହି ସମୟରେ ମନୋଜ ସ୍କୁଲ ଫାଟକ ଭିତରେ ପ୍ରବେଶ କଲା । ସମ୍ମୁଖରେ ସବିତାକୁ ଛାତ୍ରୀ ରେ ବୋହୂବସନ୍ତ ଖେଳୁଥିବାର ଦେଖି ସେ ସେହିଠାରେ ହୋଇପଡ଼ି ବିସ୍ମୟ ବିସ୍ଫାରିତ ଦୃଷ୍ଟିରେ ତାକୁ ଚାହିଁରହିଲା । ରେ ଅତି ଅପ୍ରତ୍ୟାଶିତ ଭାବରେ ଜଣେ ସୁଦର୍ଶନ ତରୁଣକୁ ରହିଥିବାର ଦେଖି କିଶୋରୀଗଣ ଲାଜରେ ଖେଳ ବନ୍ଦ ଦେଲେ । ସବିତା ମଧ୍ୟ ସମ୍ମୁଖରେ ମନୋଜକୁ ଦେଖି ଲାଜରେ ପଡ଼ିଗଲା । ମନୋଜ ଆଖିରେ ବିସ୍ମିତ ଚାହାଣି ଓ ଅଧରରେ ହସ ଫୁଟାଇ ସବିତାର ଲାଜରକ୍ତିମ ବଦନକୁ ଏକ ଦୃଷ୍ଟିରେ ରହିଥାଏ । ସବିତା କିଶୋରୀ ଛାତ୍ରୀମାନଙ୍କୁ କହିଲା—"ତୁମେ ଖେଳୁଥାଅ । ମୁଁ ଯାଉଛି ।"

ଆପଣଙ୍କର ସଙ୍ଗେ ରହିବ ଆଉ ଏକଜଣ ଠାକୁର ବ
ଆପଣ ଏକୁଟିଆ ରହିବେ କେମିତି ?" ଲଳିତ ମୋହନ
କଥା କୁହା ଭଙ୍ଗୀରେ ସ୍ୱର୍ଗୀ ମୃଦୁଳ ମୃଦୁଳ ହସିଲେ ।

ସବିତାର ଗୁପ୍ତ ଭିତରଟା ଛୁଆଁଟ କରି ଉଠିଲା ।
ମୁଣ୍ଡଟା ଝିମି ଝିମି ହୋଇ ଉଠିଲା । ସେ ସହସା ଲଳିତ ମୋ
ବାବୁଙ୍କ କଥାର ଅର୍ଥ ଗ୍ରହଣ କରି ପାରିଲା ନାହିଁ ।
ମୋହନ ବାବୁ ତାକୁ ବାସ୍ତବରେ କ'ଣ କହିବାକୁ ଚାହାନ୍ତି ପ
ସ୍ୱରରେ କହୁ ନାହାନ୍ତି କାହିଁ ? କ'ଣ ତାଙ୍କର କଥାର ଉ
ସେ ଡରି ଡରି ସନ୍ଦେହ କଣ୍ଠରେ ପଚାରିଲା—"ଆପଣ
ପାଇଁ ଏ ସବୁର ଆୟୋଜନ କରିବେ ବା କାହିଁକି ? ଅ
ଶିକ୍ଷୟିତ୍ରୀଙ୍କ ପାଇଁ କ'ଣ ଏହି ଧରଣର ଆୟୋଜନ ହୋଇଛି

ଲଳିତ ମୋହନ ବାବୁ ଏଥର ଦୁଷ୍ଟ ହସ ହସି
ରସିକତା କରି କହିଲେ—"ଆପଣ ତ ଭାରି ପିଲା ମଣିଷ !
ମୋର ପାଇଁ ଏତଟା କରିଲେ, ଆଉ ମୋର ଆପଣଙ୍କ ଲ
ସାମାନ୍ୟ କାମରେ ବାଧା ଦେବେ କେମିତି ?"

ସବିତା ମୁଣ୍ଡକୁ ହଠାତ୍ ଝଲକାଏ ରକ୍ତ ଉଠିଗଲା ।
ଯେମିତି ଚାରିଆଡ଼ ହଠାତ ଅନ୍ଧାର ଘୋଟିଲା । ସେ ଯେମି
ଶରୀରର ଭାର ସାମ୍ୟ ରଖିବାକୁ ଶକ୍ତି ହରାଇ ବସିଲା ।
ଧାରରେ ଭୟ, ଘୃଣା ଆଉ ବିସ୍ମୟ ଭିତରେ ସେ କ୍ଷଣିକ
ନିଜର ସତ୍ତା ହରାଇ ବସିଲା । ଟିକେ ସଂଯତ ହୋଇ, ମଥା
ସଂଯତ କରିବାକୁ ଚେଷ୍ଟା କରି ସେ କହିଲା—"ଆପଣ
ଅପମାନ କରୁଛନ୍ତି । ଆପଣ ଦୟାକରି ଏଠାରୁ ଚାଲିଯାଆନ୍ତୁ ।
ଚିତ୍କାର କରି ମୁଁ ସମସ୍ତଙ୍କୁ ଆଣି ଏଠାରେ ହାଜର କରାଇ

ଲଳିତ ମୋହନ ବାବୁଙ୍କ ଅଧରରୁ ହସ ମଳି
ଆଖିର ଚକଚକ ଚାହାଣି ନିଭି ଯାଇ ସେଠାରେ ଭୟ ଓ

ଷ୍ଟି ଉଠିଲା । ସେଇ ବନ୍ଧୁ ଝାଳନାଳ ହୋଇ ପଡ଼ିଲେ । ମୁଖରୁ କଥା ସ୍ଫୁରିଲା ନାହିଁ । କଣ୍ଠ ତାଲୁ ହଠାତ୍ ଶୁଷ୍କ ପାଲଟି ସେ ବନ୍ଧୁ କଷ୍ଟରେ ଢୋକ ଗିଳି କହିଲେ—"କିନ୍ତୁ, ହାତରେ···?"

—"ଚୁପ କରନ୍ତୁ । ଆପଣଙ୍କର ବହୁ ଅବାନ୍ତର କଥା ଧରି ଶୁଣିଛୁ । ଆଉ ଶୁଣିବାର ଧୈର୍ଯ୍ୟ ନାହିଁ । ଚାଲ ଏଠାରୁ ।"

ଉପର ଅପ୍ରତ୍ୟାଶିତ ପରିସ୍ଥିତି ଲାଗି ତ ଲଳିତ ମୋହନ ସ୍ତୁତ ନ ଥିଲେ । ହଠାତ୍ ଗୋଟାଏ କିଛି ଅଘଟଣ ଘଟି ଏହି ଆଶଙ୍କାରେ ସିଗାରେଟ ଜବାଟା ସବତା ଟେଟି ଅନ୍ୟମନସ୍କତା ହେତୁ ଛାଡ଼ିଦେଇ ତରତର ହୋଇ ଗଲେ ।

—ନଅ—

କ ନିଦ୍ରାହୀନ ଅସ୍ୱସ୍ତିକର ରାତ୍ରି କଟାଇବା ପରେ ପାହାନ୍ତା ସବୁତା ଟିକିଏ ଶୋଇ ପଡ଼ିଥିଲା । ଅଶାନ୍ତ ଓ ଆଶଙ୍କା ମସ୍ତିଷ୍କ ଧରି ସେ ରାତି ସାରା ଶଯ୍ୟା ଉପରେ କେବଳ ଛଟ ଇଛି । ସକାଳେ ଚଇତନ୍ୟ ପୃଥିବୀର କୋଳାହଳ ଶୁଣି ସେ ଶଯ୍ୟାରୁ ଉଠି ଦେଖିଲା ଯେ, ଛ'ଟା ବେଜେବେକୁ ଲାଣି । ହଠାତ୍ ସେ ହୃଦପୁର ଅଶାନ୍ତ ଓ ଗତ ରାତିର ଫଳରେ ବାସ୍ତବିକ ଶାରୀରିକ ଅସୁସ୍ଥତା ଅନୁଭବ କଲା । ର ଆଉ ପୂର୍ବପରି ହାଲୁକା ବୋଧ ହେଉ ନାହିଁ । ପୂର୍ବର ସ୍ଫୁର୍ତ୍ତି ପୂର୍ବର ଉତ୍ସାହ ଆଉ ନାହିଁ । ଗୋଟାଏ ଘଟଣା ଫଳରେ ତା'ର ବୟସ ଯେପରି ଦଶବର୍ଷ ଅଗ୍ରସର

ହୋଇ ଯାଇଛି । ଯୌବନର ଚଞ୍ଚଳତା ତା'ର ଅନ୍ତରକୁ ଆଉ ଉତ୍‌ଫୁଲ୍ଲିତ କରି ପାରୁନାହିଁ । ଗୋଟାଏ ରାତିର ଦୁଃସ୍ୱପ୍ନ ପରେ ସେ ଯେପରି ଏକ ସ୍ଥବିର ପାଲଟି ଯାଇଛି ।

ସବିତାର ଏ କ'ଣ ହେଲା ? ସହସା ତା'ର ଏକ ପରିବର୍ତ୍ତନ ଘଟିଲା ? ଦିନେ ଏହି ସବିତା ଶିକ୍ଷାଦାନ କାର୍ଯ୍ୟ ଓ ଶିକ୍ଷା ଅନୁଷ୍ଠାନକୁ ଗଭୀର ଶ୍ରଦ୍ଧା କରୁଥିଲା । ଏପରି ମହତକାର୍ଯ୍ୟ ଓ ଏପରି ପବିତ୍ର ପୀଠ ସଂସାରର ବହିର୍ମୁଖୀ କାର୍ଯ୍ୟ ଭିତରେ ଏକାନ୍ତ ବିରଳ ବୋଲି ଯେଉଁ ସବିତା ଦିନେ ଯୁକ୍ତି କରୁଥିଲା, ଆଜି ସେ ଏପରି ଭିତରେ ଓ ବାହାରେ ନିରୁତ୍ସାହିତା ହେଲା କାହିଁକି ? ଯେଉଁ ସବିତା ଦିନେ ମସ୍‌ଜିଦ ଗଳିରୁ ଫେରି ବ୍ରଜମୋହନ ବାଳିକା ବିଦ୍ୟାଳୟରେ ପହଞ୍ଚି, ନରକ ଦ୍ୱାରରୁ ଫେରି ସ୍ୱର୍ଗ ପ୍ରାପ୍ତି ଘଟିଲା ବୋଲି ମୁକ୍ତ କଣ୍ଠରେ ପ୍ରକାଶ କରିଥିଲା, ଆଜି ସେ ହଷ୍ଟେଲରେ ନିଜ ଶଯ୍ୟାରେ ବସି ବସି ଦୁଇ ଅନୁଷ୍ଠାନକୁ ନିକଟରେ ପୁଣି ତଉଲ କରୁଛି କାହିଁକି ? ଏହା କ'ଣ ତା'ର ବିକୃତ ମସ୍ତିଷ୍କର ପରିଚାୟକ ?

ହଠାତ୍ ଆଜି ସବିତାର ମୁଣ୍ଡରେ ଏକ ଖିଆଲ ପଶିଛି ? ସହରର ବିଖ୍ୟାତ ଗୁଣ୍ଡା, ମଦ୍ୟପ, ବ୍ୟଭିଚାରୀ ସତ୍ତାର ମିଆଁ ସହିତ ଦେଶର ମାନ୍ୟଗଣ ନେତା, ଦେଶସେବୀ ଓ ବାଳିକା ବିଦ୍ୟାଳୟର ସେକ୍ରେଟେରୀ ଲଳିତ ମୋହନ ବାବୁଙ୍କୁ ସମାନ ତୁଳା ଦଣ୍ଡରେ ତଉଲ କରିବାର ଦୁଷ୍ଟ ବୁଦ୍ଧି ତା'ର ଆସିଲା କାହିଁକି ? ଏକ ପାଗଳାମି ? ଦୁହିଁଙ୍କୁ ତଉଲ କରି ସବିତା ମନେ ମନେ ହସୁଛି ଆଉ କହୁଛି, ଏ ବିଖ୍ୟାତ ସହରରେ କେବଳ ସତ୍ତାର ମିଆଁ ରହନ୍ତି ନାହିଁ । ଏଠାରେ ଲଳିତ ମୋହନ ବାବୁ ବି ରହନ୍ତି ।

ସବିତା ହୃଦୟରେ ଏକ ନୈତିକ ବିପ୍ଳବ ନିଭୃତରେ ସୃଷ୍ଟି ହୋଇଛି । ଏହି ପବିତ୍ର ଶିକ୍ଷାଦାନ ପୀଠରେ ସେ ପ୍ରଧାନ ଶିକ୍ଷୟିତ୍ରୀ, ଲଳିତ ମୋହନ ବାବୁ, ହଷ୍ଟେଲ୍ ସୁପରିନ୍‌ଟେଣ୍ଡେଣ୍ଟ, ଛାତ୍ର ମା' ସମସ୍ତଙ୍କୁ ଚିହ୍ନି ସାରିଲଣି । ଆଉ କାହାରିକୁ ଚିହ୍ନିବାର ଧୈର୍ଯ୍ୟ ତା'ର ନାହିଁ । ସବିତା ଏ ପବିତ୍ର ଚାକିରିଟି ଛାଡ଼ି ଚାଲି ଯିବା ପାଇଁ ପ୍ରସ୍ତୁତ ହେଲାଣି । ଏ ଅକଲ୍ୟାଣକର ଦୂଷିତ ପରିବେଶ ମଧ୍ୟରେ ବେଶୀ ଦିନ ରହିଲେ ସେ ପାଗଳଟା ହୋଇ ଯିବ ।

ଗତ ମୋହରମ ଛୁଟିରେ ଘରକୁ ମା' ପାଖରେ ଛାଡ଼ି ଫେରିବା ସମୟରେ ମା' ତା'ର ଆଖିରୁ ଲୁହ ଝରାଇ କହିଥିଲେ— "ତୋ ଭାଗ୍ୟରେ ଏଇୟା ଥିଲା ସବିତା ? ଜୀବନର ସବୁ ସୁଖ ଜଳାଞ୍ଜଳି ଦେଇ, ଭାଇ ଦୁଇଟିଙ୍କୁ ବଞ୍ଚେଇବା ପାଇଁ ଶେଷରେ ଚାକିରି କଲୁ ? ମତେ ମରଣ ନ ହେଲା କାହିଁକି ? ଝିଅ ଜନମ ଦେଇ ମୁଁ ତୋର କେଉଁ ସୁଖଟା ଦେଖିଲି ?"

ସବିତା ମା'ଙ୍କୁ ପ୍ରଣାମ କରି ହସିଥିଲା । କହିଥିଲା—"ମୋ ପାଇଁ ଚିନ୍ତା କରିବୁ ନାହିଁ ମା' ! ଚାକିରି ପାଇ ମୁଁ ଆନନ୍ଦିତା— ଶିକ୍ଷୟିତ୍ରୀ ଜୀବନରେ ମୋର ସବୁ ସୁଖ । ଆଜି ବାବା ଥିଲେ, ଘର ଆଜି ଧନୁକୁ ମଣିଷ କରି ଥାଆନ୍ତେ । ତାଙ୍କର ଅବର୍ତ୍ତମାନରେ ମୋତେ ସେ କାର୍ଯ୍ୟ କରିବାକୁ ପଡ଼ିବ ।"

ଆଜି ହଠାତ୍ ଚାକିରି ଛାଡ଼ି ଦେବାର ସଂକଳ୍ପ ପରେ ସବିତାର ମା'ଙ୍କ ନିକଟରେ ପ୍ରତିଜ୍ଞା କରିଥିବା କଥା ମନେ ପଡ଼ିଗଲା । ସବିତା ମୁହୂର୍ତ୍ତକ ପାଇଁ ଅତଳ ଜଳଧିରେ କିଂକର୍ତ୍ତବ୍ୟ ବିମୂଢ଼ା ହେଲାପରି ନିଜକୁ ବୋଧକଲା । ପରକ୍ଷଣରେ ସେ ମନ ଭିତରୁ ସମସ୍ତ ଦୁର୍ବଳତା, ସମସ୍ତ ନୈରାଶ୍ୟ ଝାଡ଼ି ପୋଛି ଦୃଢ଼ ପଦକ୍ଷେପରେ ଶଯ୍ୟାରୁ ଅବତରଣ କଲା । ନା, ଚାକିରି ସେ ଛାଡ଼ିବ ନାହିଁ । ଚାକିରି ଛାଡ଼ି ତିନୋଟି ଅନାଥ ପ୍ରାଣୀଙ୍କର ଜୀବନ,

ହା ହୁତାଶ ପୂର୍ଣ୍ଣ ଗୃହିଣୀ ସେ ସହ୍ୟ କରି ପାରିବ ନାହିଁ । ତାକୁ ତା'ର ପ୍ରତିଜ୍ଞା ରକ୍ଷା କରିବାକୁ ପଡ଼ିବ ।

ଏ ପୃଥିବୀଟା କେବଳ ଯେ ସ୍ୱପ୍ନର ସବଳତା ଆଉ ଜୋତ୍ସ୍ନାର ମାଦକତାରେ ପୂର୍ଣ୍ଣ ନୁହେଁ, ଏ ଅଭିଜ୍ଞତା ସବିତାର ଆସି ସାରିଥିଲା । ଏଠାରେ ଖାଲି ମନୋଜ ପରି ସରଳ, ଉଦାର ହୃଦୟ ବାସ କରନ୍ତି ନାହିଁ । ଏଠାରେ ଗୁଣ୍ଡା ସ୍ୱାମୀ ମିଞ୍ଚ ଆଉ ବ୍ୟଭିଚାରୀ ଲଳିତ ମୋହନ ବାବୁ ବି ବାସ କରନ୍ତି । ଏମାନଙ୍କ ମଝିରେ ସବିତାକୁ ମଧ୍ୟ ବଞ୍ଚିବାକୁ ପଡ଼ିବ । ଏହି ବିଚିତ୍ର ସଂସାରରେ ସେ ନିଜେ ବଞ୍ଚି ଆଉ କେତୋଟି ପର-ନିର୍ଭରଶୀଳ ଆତ୍ମାଙ୍କୁ ମଧ୍ୟ ତାକୁ ବଞ୍ଚାଇ ରଖିବାକୁ ପଡ଼ିବ । ତେଣୁ କର୍କଶ ରୁକ୍ଷ ସଂସାର ଦାଣ୍ଡରେ ସେ ପରାଜୟ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ । ସବିତା ମନ ଭିତରୁ ସବୁ ଦୁଶ୍ଚିନ୍ତା ଝାଡ଼ି ପୋଛି ସାରି ନିଜର ଦୈନନ୍ଦିନ କାର୍ଯ୍ୟରେ ମନ ନିବେଶ କଲା । ଯଥା ସମୟରେ ବିଦ୍ୟାଳୟକୁ ମଧ୍ୟ ଗଲା ।

ଖେଳଛୁଟି ସମୟରେ ବାଳକ ଦପ୍ତରୀ ଆସି ସବିତାକୁ ଖବର ଦେଲା ଯେ, ପ୍ରଧାନ ଶିକ୍ଷୟିତ୍ରୀ ତାକୁ ଡାକ ପଠାଇଛନ୍ତି । ସବିତା ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦପ୍ତରକୁ ଯାଇଁ ଦେଖିଲା ଯେ, ଲଳିତ ମୋହନବାବୁ ଖଣ୍ଡେ ଚଉକିରେ ବସି ସିଗାରେଟ୍ ଧୂଆଁ ଛାଡ଼ୁଛନ୍ତି ଆଉ ପ୍ରଧାନ ଶିକ୍ଷୟିତ୍ରୀ ଏକ ମନରେ କଣ କାଗଜପତ୍ର ଲେଉଟାଉଛନ୍ତି । ସବିତାକୁ ଦେଖି ପ୍ରଧାନ ଶିକ୍ଷୟିତ୍ରୀ କହିଲେ —"ଟିକିଏ ବସନ୍ତୁ, ଆପଣଙ୍କ ସହିତ କଥା ଅଛି ।"

ସବିତା ଶଙ୍କାମ୍ଳାନ ଚିତ୍ତରେ ଖଣ୍ଡେ ଚୌକିରେ ବସିଲା ଆଉ ଜିଜ୍ଞାସୁ ଦୃଷ୍ଟିରେ ପ୍ରଧାନ ଶିକ୍ଷୟିତ୍ରୀ ମୁହଁକୁ ଚାହିଁଲା । ପ୍ରଧାନ ଶିକ୍ଷୟିତ୍ରୀ ଆଖିରୁ ଚଷମା ବାହାର କରି ଲୁଗା କାନିରେ ପୋଛୁ ପୋଛୁ ସବିତାକୁ ପଚାରିଲେ—"ମନୋଜ ବାବୁ କିଏ ସେ ?"

—"ଡ. ଏସ୍. ପି. ରାଧା ମାଧବ ଦାସଙ୍କ ପୁତ୍ର" ସବିତା କହିଲା ।

ପ୍ରଧାନ ଶିକ୍ଷୟିତ୍ରୀ ଟିକଏ ବିଚଳିତ ଭଙ୍ଗୀରେ କହିଲେ—'ସେ କଥା ମୁଁ ପଚାରୁ ନାହିଁ । ମୁଁ ପଚାରୁଛି, ମନୋଜବାବୁଙ୍କ ସହିତ ଆପଣଙ୍କର କି ସମ୍ପର୍କ ଅଛି ?'

—'ଏ ପ୍ରଶ୍ନର ଉତ୍ତର ଏ ବିଦ୍ୟାଳୟରେ ମୋର ନିଯୁକ୍ତି ହେବାର ପ୍ରଥମ ଦିନ ମୁଁ ଦେଇଥିଲି । ଯଦି ଆପଣଙ୍କର ସ୍ମରଣ ନ ଥାଏ, ତା'ହେଲେ ମୁଁ ପୁନର୍ବାର କହୁଛି, ମନୋଜବାବୁ ମୋର ପରିଚିତ ବନ୍ଧୁ ।'

—'ତାହା ମୁଁ ଜାଣେ । ମୋର କହିବା ଉଦ୍ଦେଶ୍ୟ, ତାଙ୍କ ସହିତ ଆପଣ ସମ୍ପର୍କ ରଖିଛନ୍ତି କାହିଁକି ? ମାନେ, ମୋର କହିବା କଥା, ତାଙ୍କ ସହିତ ସମ୍ପର୍କ ରଖିବା ଦ୍ୱାରା ଆପଣ ଅମଙ୍ଗଳ ଡାକି ଆଣୁଛନ୍ତି ।'

'ଆପଣଙ୍କ କଥା ଠିକ ଭାବରେ ବୁଝି ପାରିଲି ନାହିଁ । ଶିକ୍ଷୟିତ୍ରୀ ଜୀବନରେ କୌଣସି ପରିଚିତ କିମ୍ବା ବନ୍ଧୁ ରହିଲେ ତା'ର ମଙ୍ଗଳ ହୁଏ ନାହିଁ, ଏକଥାର ତାତ୍ପର୍ଯ୍ୟ ମୋ ପାଖରେ ଦୁର୍ବୋଧ୍ୟ ।

ଏଥର ପ୍ରଧାନ ଶିକ୍ଷୟିତ୍ରୀ ପରିଷ୍କାର ଭାବରେ କଥାଟା ବୁଝାଇବାକୁ ଯାଇ ଟିକଏ ଗମ୍ଭୀର ଓ କର୍ତ୍ତୃତ୍ୱପୂର୍ଣ୍ଣ କଣ୍ଠରେ କହିଲେ—'ମନୋଜବାବୁଙ୍କ ସହିତ ସମ୍ବନ୍ଧ ରଖିବା ଫଳରେ ଆପଣ ଯାହା ଲାଭବାନ ହୁଅନ୍ତୁ ପଛେ, ତାର ଏକ ଅସ୍ୱାଭାବିକ ମନ୍ଦ ପ୍ରଭାବ ବିଦ୍ୟାଳୟର କୋମଳମତି ଛାତ୍ରୀଙ୍କ ମନ ଉପରେ ପଡ଼ୁଛି । ତାହା ଫଳରେ ଆପଣଙ୍କ ଚରିତ୍ର ସମ୍ବନ୍ଧରେ ଏକ ସନ୍ଦେହ ଜନକ ବାତାବରଣ ସାରା ବିଦ୍ୟାଳୟଟିରେ ସୃଷ୍ଟି ହେଉଛି । ତା' ଛଡ଼ା, ଆପଣ ପ୍ରତ୍ୟେକ ଦିନ ସନ୍ଧ୍ୟାପରେ

କେଉଁଠିକି ଯାଆନ୍ତି ସେ ପ୍ରଶ୍ନ ମଧ୍ୟ ଏହି ଅବସ୍ଥା ସହିତ ଜଡ଼ିତ ।"

—"ବିଦ୍ୟାଳୟର କର୍ତ୍ତୃପକ୍ଷ ଅର୍ଥାତ୍ ଆପଣଙ୍କଠାରୁ ଲିଖିତ ଅନୁମତି ପାଇ ମୁଁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିପ୍ରଚରଣ ବାବୁଙ୍କ ଝିଅ ମେନକାକୁ ପଢ଼ାଇବାକୁ ଯାଏ ।"

—"ଆପଣ ବିପ୍ରଚରଣ ବାବୁଙ୍କ ଘରକୁ ଯାଆନ୍ତି କି ଆଉ କେଉଁଠିକୁ ଯାଆନ୍ତି ତା'ର କୌଣସି ପ୍ରମାଣ ନାହିଁ ।"

—"ତାହା ସଂଗ୍ରହ କରିବା ଆପଣଙ୍କ କାର୍ଯ୍ୟ । ବିପ୍ରଚରଣବାବୁ ହାଇସ୍କୁଲରେ ଶିକ୍ଷକତା କରନ୍ତି । ଆଉ ତାଙ୍କ ଝିଅ ମେନକା ଆପଣଙ୍କ ସ୍କୁଲର ପଞ୍ଚମ ଶ୍ରେଣୀରେ ପଢ଼େ । ପଚାରି ପ୍ରମାଣ ସଂଗ୍ରହ କରିପାରନ୍ତି ।" ସବିତା ଦୃଢ଼ କଣ୍ଠରେ କହିଲା ।

ପ୍ରଧାନ ଶିକ୍ଷୟିତ୍ରୀ ଶ୍ଳେଷକଷାୟିତ ଦୃଷ୍ଟିରେ ଚାହିଁ ଏଥର କଠୋର ସ୍ୱର ତୋଳିଲେ—"ଶୁଣନ୍ତୁ ସବିତା ଦେବୀ, ସେ ସବୁ ପ୍ରମାଣ ସଂଗ୍ରହ ମୁଁ ପରେ କରିବି । ଆପଣଙ୍କୁ ଏଠାରେ ଚାକିରୀ କରିବାକୁ ହେଲେ ଶୁଦ୍ଧ ସ୍ୱଚ୍ଛ, ଆଦର୍ଶ ଜୀବନ ଯାପନ କରିବାକୁ ପଡ଼ିବ । ମନୋଜ ବାବୁଙ୍କ ସାହଚର୍ଯ୍ୟ ତ୍ୟାଗ କରି ବିଦ୍ୟାଳୟର ଅବାଞ୍ଛିତ ବାତାବରଣ ଦୂଷିତ କରିବାକୁ ଛାଡ଼ିବ । ନଚେତ୍ ଆପଣଙ୍କ ଚାକିରୀ ଉପରେ ଆଞ୍ଚ ଆସୁଛି ।"

ଆଜି ସହସା ଅପ୍ରତ୍ୟାଶିତ ଭାବରେ ସବିତା ମଥାରେ ଏ ବଜ୍ରପାତ କାହିଁକି ତାହା ବୁଝିବା ସବିତା ପକ୍ଷରେ କଷ୍ଟକର ନୁହେଁ । ବିଶେଷତଃ ଲଳିତମୋହନବାବୁଙ୍କ ସମ୍ମୁଖରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏ ଧରଣର ଆଲୋଚନା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଗତ ରାତିରେ ସ୍କୁଲ ସେକ୍ରେଟେରୀଙ୍କର ସବିତା କୋଠରୀକୁ

ଉପାର୍ଜିତ ଅପମାନର ପ୍ରତିକ୍ରିୟାଜନିତ ବିଷୋଦ୍‌ଗାରର କାରଣ ଅନୁମାନ କରିବା ସବିତା ପକ୍ଷରେ ନିତାନ୍ତ ସହଜ କଥା । ତେଣୁ ସବିତା ଥରେ ଲଳିତମୋହନବାବୁ ଓ ଥରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୁହଁକୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁ ହସିଲା । ତା'ପରେ ଧୀରେ ଧୀରେ ଗାମ୍ଭୀର୍ଯ୍ୟ ସହକାରେ କହିଲା—"ଶ୍ରୀମତୀ ପ୍ରତିମା ଦେବୀ, ମୋର ଆଚରଣ ହେତୁ ଏହି ଅନୁଷ୍ଠାନଟିର ପବିତ୍ରତା ନଷ୍ଟ ହୋଇଛି ବୋଲି ପ୍ରମାଣ ଦେବା କଷ୍ଟକର । ଶିକ୍ଷୟିତ୍ରୀ ଜୀବନରେ କୌଣସି ପରିଚିତ କିମ୍ବା ବନ୍ଧୁଙ୍କ ସହିତ ସମ୍ପର୍କ ରଖିବାକୁ ପଡ଼ିବ ନାହିଁ, ଏପରି କୌଣସି ନିୟମ ଏ ଧରଣର ଅନୁଷ୍ଠାନ ନିୟମାବଳୀରେ ନାହିଁ । ତେଣୁ ଆପଣଙ୍କର ନିର୍ଦ୍ଦେଶ ମାନିବା ଲାଗି ମୁଁ ବାଧ୍ୟ ନୁହେଁ । ଚୁକ୍ତିରେ ଆଞ୍ଚ ଆସିବା ସମ୍ବନ୍ଧରେ ଆପଣ ଯାହା କହିଲେ ତାହା ନିରର୍ଥକ । କାରଣ ମୋର ଏଠାରେ ଚୁକ୍ତି କରିବା ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି । ହଠାତ୍ କୌଣସି ଅନ୍ୟାୟ ବା ବେଆଇନ କାର୍ଯ୍ୟ କରି ବସିଲେ ମୋତେ ନ୍ୟାୟ ବିଚାରପାଇଁ ବିଚାରାଳୟର ଆଶ୍ରୟ ନେବାକୁ ପଡ଼ିବ । ଆଉ ମୁଁ ଆଶାକରେ, ଏହି ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କର ନବୀନ ତଦନ୍ତ ସମ୍ବନ୍ଧରେ ସମସ୍ତ ତଥ୍ୟ ସେଠାରେ ପ୍ରକାଶିତ ହେବ ।"

ଆଉ ଯୁକ୍ତିତର୍କ କରିବାର ଧୈର୍ଯ୍ୟ ସବିତାର ନଥିଲା । ସେ ଦ୍ରୁତ ପଦକ୍ଷେପରେ ସେଠାରୁ ଅନ୍ତର ହେଲା । ସବିତାର ଏହି ଦ୍ୱିଧାହୀନ ସତ୍ୟ ପ୍ରକାଶ ନିକଟରେ ଲଳିତ ମୋହନ ଓ ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣକ ପାଇଁ ନିର୍ବାକ ନିସ୍ପନ୍ଦ ପାଲଟି ଗଲେ । ପରସ୍ପର ପରସ୍ପରକୁ କେବଳ ନୀରବରେ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁରହିଲେ । ଦୁହିଁଙ୍କ ମୁଖମଣ୍ଡଳରେ ନିର୍ଜୀବ ଶବର କାଳିମା ଘୋଟି ଆସିଲା ।

ଏହି ଘଟଣା ପରେ ସ୍କୁଲ କର୍ତ୍ତୃପକ୍ଷ ସବିତା ସମ୍ବନ୍ଧରେ ଆଉ ବିଶେଷ ମଥା ବ୍ୟଥା ଦେଖାଇବାର ଆବଶ୍ୟକତା ଦେଖିଲେ ନାହିଁ । 'ଆଲେ ସଖି, ଆପଣା ମହତ ଆପେ ରଖି' ନୀତିରେ ସେମାନେ ଏ ଦିଗରେ ନୀରବତା ଅବଲମ୍ବନ କଲେ । ସବିତା ଏହି ଅବାଞ୍ଛିତ ବିପଦ ହାତରୁ ନିଜକୁ ରକ୍ଷା କରି ପାରିଥିବାରୁ ସ୍ୱସ୍ତିର ନିଶ୍ୱାସ ଗ୍ରହଣ କଲା । ସେ କିଛିଦିନ ବିନା ଉପଦ୍ରବ ବା ଅଶାନ୍ତିରେ ସମୟ କାଟି ପାରିଲା । ମାତ୍ର ଏହି ସବୁ ଅପ୍ରତ୍ୟାଶିତ ଓ ଅବାଞ୍ଛିତ ଘଟଣା ପରେ ତା'ର ଅନ୍ତର ଭିତରେ ନିଭୃତରେ ଗୋଟାଏ ବିପ୍ଳବ, ଗୋଟାଏ ଆଲୋଡ଼ନ ସୃଷ୍ଟି ହୋଇଛି । ତା'ର ଆଜି ଯେପରି ମନେ ହେଉଛି, ଏହି କଠିନ ସଂସାର ବାଟରେ ଅଗ୍ରସର ହେବା ବଡ଼ ସଙ୍କଟ ଜନକ । ଏ ଦେଶରେ ନାରୀ ଜାତିକୁ ତା'ର ସହଜ ସରଳ ପଥରେ ଚାଲିବାକୁ କେହି ଦେବେ ନାହିଁ । ଭାଗବତର ଏକମାତ୍ର ବଇରୀ ରୂପେ ସଂସାରରେ ବ୍ୟାଜ ପକ୍ଷୀ ଅଛି । ମାତ୍ର ନାରୀ ଜାତିର ବଇରୀ ରୂପେ ସମ୍ଭର ମିଆଁ, ଲଳିତ ମୋହନ, ନିଜର ସହକର୍ମୀ ତଥା ସର୍ବୋପରି ସମାଜ ରହିଛନ୍ତି । ଏମାନଙ୍କ କବଳରୁ ବଞ୍ଚିବାକୁ ହେଲେ ନାରୀ ଜାତିର ଲୋଡ଼ା ଗୋଟାଏ ଅବଲମ୍ବନ, ଗୋଟାଏ ଆଶ୍ରୟ, ଜଣେ ଅଭିଭାବକ ।

ହଁ, ସବିତାର ଗୋଟାଏ ନିର୍ଭରଶୀଳ, ଦୃଢ଼ ଅବଲମ୍ବନ ଆବଶ୍ୟକ । ଜୀବନର ଦୀର୍ଘ ବାଇଶି ବର୍ଷ ପରେ ଆଜି ସବିତା ନିଜ ବଡ଼ ଏକାକିନୀ ମନେ କରୁଛି । ଆଜି ସେ ନିଜକୁ ବଡ଼ ନିରାଶ୍ରୟା ମନେ କରୁଛି । ଏହି କଠିନ ସଂସାରର ଦୁର୍ଗମ ପଥରେ ଚାଲିବାକୁ ହେଲେ ତା'ର ବାସ୍ତବିକ ଏକ ଅବଲମ୍ବନ ଲୋଡ଼ା ।

ନିଜର ଭବିଷ୍ୟତରେ ସବିତା କୌଣସି ସନ୍ତୋଷଜନକ ସିଦ୍ଧାନ୍ତରେ ଉପନୀତ ହୋଇ ନପାରି ଚିନ୍ତା ଗ୍ରସ୍ତ ହୃଦୟରେ

ମେନକାକୁ ପଢ଼ାଇବା ପାଇଁ ସନ୍ଧ୍ୟାରେ ବିପ୍ରଚରଣ ବାବୁଙ୍କ ଘରେ ପହଞ୍ଚିଲା । ବିପ୍ରଚରଣ ବାବୁ କୌଣସି ଏକ ପ୍ରତିଷ୍ଠିତ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ବୃତ୍ତି କରନ୍ତି । ବୟସ ବୋଧ ହୁଏ ପଇଁଚାଳିଶ ହେବ । ବଳିଷ୍ଠ ସୁନ୍ଦର ଗଠନ— ସୁପୁରୁଷ । ବି. ଏ. ପାଶ୍ କରି ଟ୍ରେନିଂ ମଧ୍ୟ ପାଶ୍ କରିଛନ୍ତି । ବେଶ୍ ଅମାୟିକ ଓ ଉଦାରବ୍ୟକ୍ତି । ତାଙ୍କର ବିବାହିତ ଜୀବନର ଦୀର୍ଘ ପନ୍ଦର ବର୍ଷ ପରେ ଅର୍ଥାତ୍ କୋଡ଼ିଏ ବର୍ଷ ତଳେ ତାଙ୍କର ପତ୍ନୀ ବିୟୋଗ ଘଟିଛି । ସନ୍ତାନମାନଙ୍କ ମଧ୍ୟରେ ମେନକା ଆଠ ବର୍ଷର, ଆଉ ଦୁଇଟି ଛୋଟ ଛୋଟ ପୁଅ ।

ଏହି ଅଭାଗାଗଣ୍ଡ ପୁଅଗୁଡ଼ିକ ସାଥିରେ ବିପ୍ରଚରଣ ବାବୁଙ୍କୁ ଏପରି ନିଃସଙ୍ଗ କରିଆରେ ଛାଡ଼ି ତାଙ୍କର ସ୍ତ୍ରୀ ବିଶାଖା ଦେବୀ ହଠାତ୍ ଏମିତି ଚାଲିଯିବେ, ଏ ଧାରଣା ତାଙ୍କର ନ ଥିଲା । ବର୍ତ୍ତମାନ ସେ ଏକ ମହା ଜଞ୍ଜାଳରେ ପଡ଼ି ହେଉଛନ୍ତି । ଚିନ୍ତା କରନ୍ତି କେ ନା ଏହି ଅଭାଗାଗଣ୍ଡ ପୁଅଙ୍କର ଜଞ୍ଜାଳ ତୁଲାଇବେ ? ଘରେ ଅବଶ୍ୟ ଦେଖାଶୁଣା କରିଦେବା ପାଇଁ ଏକ ଦୂର ସଂପର୍କୀୟା ବୁଢ଼ୀମାଉସୀ ଅଛି । ମାତ୍ର ତାହାଦ୍ୱାରା ବା ସଂସାରର କେତୁଟା କାର୍ଯ୍ୟ ହୁଏ ? ବିପ୍ରଚରଣ ବାବୁ ଏପରି ଏକ ଜଟିଳ ପରିସ୍ଥିତିରେ ପଡ଼ି ଚାକିରିଟି ଛାଡ଼ିଦେବା ପାଇଁ ବହୁଥର ଚିନ୍ତା କଲେଣି ।

ସେଦିନ ସଂନ୍ଧ୍ୟାରେ ସବିତାକୁ ଦେଖି ବିପ୍ରବାବୁ ନମସ୍କାର ଜଣାଇ ପଚାରିଲେ—"କହନ୍ତୁ ସବିତା ଦେବୀ ଆପଣଙ୍କର ସବୁ ମଙ୍ଗଳ ତ ? ଆପଣଙ୍କର ଛାତ୍ରୀଟି କପରି ପଢ଼ାପଢ଼ି କରୁଛି ।"

ସବିତା ହସି ହସି ପ୍ରତି ନମସ୍କାର ଜଣାଇଲା । କହିଲା —"ମୋ ଛାତ୍ରୀଟିର ଦାୟିତ୍ୱ ମୋ ଉପରେ । ଆପଣ ସେ ବିଷୟରେ ବ୍ୟସ୍ତ ହେବେ ନାହିଁ । ସେ ଉପଯୁକ୍ତ ପିତାର ସନ୍ତାନ। ଶ୍ରେଣୀ ଭିତରେ ସେ ପ୍ରଥମ ଛାତ୍ରୀ ।"

ବିପ୍ରଚରଣ ବାବୁ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ —"ମେନକାର ଦାୟିତ୍ୱ ଆପଣଙ୍କ ହାତରେ ଛାଡ଼ି ବାସ୍ତବ ମୁଁ ଆନନ୍ଦିତ । ଆଜି ଦୁଇଟି ଅପୋଗଣ୍ଡଙ୍କ ଦାୟିତ୍ୱ ନେଇପାରେ ମୁଁ ଆଶ୍ୱସ୍ତ ହୁଅନ୍ତି ।"

ସବିତା ହସି ପକାଇଲା । କହିଲା—"ସେମାନେ ନିତା଼ ଶିଶୁ । ଏତିକିବେଳୁ ସେମାନଙ୍କର ପଢ଼ା ପଡ଼ି ଆରମ୍ଭ କଲେ ତାଙ୍କର ସ୍ୱାସ୍ଥ୍ୟ ନଷ୍ଟ ହୋଇଯିବ । ଜନମାପର ପିଲାଙ୍କ ପା଼ ଆପଣଙ୍କର ସଦାସର୍ବଦା ଏପରି ଚିନ୍ତାଗ୍ରସ୍ତ ମନ ଦେଖିଲେ ଦା଼ ଲୋକଙ୍କୁ ହସ ମାଡ଼ିବ ।"

ସବିତା ହସିଲା । ମାତ୍ର ସବିତାର ଇଙ୍ଗିତପୂର୍ଣ୍ଣ କଥା ପଦକରେ ବିପ୍ରଚରଣ ବାବୁଙ୍କ ଆଖି ସଜଳ ହୋଇ ଉଠିଲା ତାଙ୍କର ହୃଦୟ ଭିତରୁ ଗୋଟାଏ କୋହ ଉଠି ଆସିଲା । ସେ ନିଜକୁ ସମ୍ଭାଳି କରି, ଗୋଟାଏ ଗଭୀର ନିଶ୍ୱାସ ଛାଡ଼ି କହିଲେ— "ସତ କହୁଛନ୍ତି ସବିତା ଦେବୀ । ଏହି ମାତୃହରା ଛୁଆଗୁଡ଼ାଙ୍କର ମୁଁ ଏକାଧାରରେ ପିତା ଓ ମାତା । ଆଜି ତାଙ୍କର ମାଆ ଜୀବିତା ଥିଲେ ମୋତେ ଏପରି ଚିନ୍ତାଗ୍ରସ୍ତ ହୃଦୟ ଧରି ଦିନୁଁ ଦିନ କ୍ଷୀଣ ହେବାକୁ ପଡ଼ନ୍ତା ନାହିଁ ।"

କେବଳ ରହସ୍ୟ ଛଳରେ କଥାଟି କହି ନିଜର ଅଜାଣତରେ ସବିତା ବିପ୍ରଚରଣ ବାବୁଙ୍କ ମନରେ ଦୁଃଖ ସଞ୍ଚାର କରିଥିବାରୁ ଅନୁଶୋଚନାରେ ସଙ୍କୁଚିତା ହୋଇ ପଡ଼ିଲା । କହିଲା—"ମୋତେ କ୍ଷମା କରିବେ । ଅଜାଣତରେ ଆପଣଙ୍କ ମନରେ ଦୁଃଖ ଆଣି ଦେଇଛି ।"

—"ନାହିଁ ସବିତା ଦେବୀ ! ଆପଣ ସଙ୍କୋଚ ବୋଧ କରିବେ ନାହିଁ । ଆପଣଙ୍କର କୌଣସି ଦୋଷ ନାହିଁ । ଏହା ମୋର ନିତ୍ୟ ଦିନର ଚିନ୍ତା । ଏହି ଚିନ୍ତା, ଏହି ଜଞ୍ଜାଳରୁ ଉପରି

ମୁଁ ଉଦ୍ଧାର ପାଇବ ତାର ଉପାୟ ଖୋଜୁଛି । ଭାବୁଛି, ଚାକିରି ଛାଡ଼ି ଗାଁରେ ଯାଇଁ ରହିବି । ଆଉ ଏ ଜଞ୍ଜାଳ ତୁଲାଇ ପାରୁନାହିଁ । ଗାଁରେ ଯେଉଁ ପୈତୃକ ଜମିବାଡ଼ି ଅଛି ତାକୁ ଚାଷ କରି ଖାଇବି ।"

ଜୀବନରେ ପରାଜିତ, ଏହି ହତଭାଗା ସ୍କୁଲ ଶିକ୍ଷକଟି ପ୍ରତି ସବିତାର ହୃଦୟରେ ସମବେଦନା ଭରି ଉଠିଥିଲା । ଆହା ! ସଂସାର ଉଦାସୀ, କ୍ଷତ ବିକ୍ଷତ ମଣିଷ ହୃଦୟ ! ଏତେ ଟିକିଏ ସାହାଯ୍ୟ, ଏତେ ଟିକିଏ ସହାନୁଭୂତି ପାଇଁ ସେ ଆଜି କାଙ୍ଗାଳ ପରି ହେଉଛନ୍ତି । ସବିତା କହିଲା—"ସଂସାର ଦୁଃଖରେ ଅନ୍ଧ ହୋଇ ହଠାତ୍ ଅବିବେକୀର କାର୍ଯ୍ୟ କରିବେ ନାହିଁ ବିପ୍ରଚରଣ ବାବୁ ! ଚାକିରିଟି ଛାଡ଼ି ଦେଇ ଅନିଶ୍ଚିତ ଭବିଷ୍ୟତକୁ ଆଦରିବାକୁ ମୁଁ ଆପଣଙ୍କୁ କହିପାରିବି ନାହିଁ । ଆପଣଙ୍କୁ ଧୈର୍ଯ୍ୟ ଧରି ଏହି ଜଞ୍ଜାଳ ତୁଲାଇବାକୁ ପଡ଼ିବ । ତା'ପରେ କୌଣସି ଏକ ସୁପ୍ରଭାତରେ ଆପଣ ଦେଖିବେ ଯେ, ଏହି ଜୀବନ ସଂଗ୍ରାମରେ ଆପଣ ଜୟ ସାଫଲ୍ୟ ଭୂଷିତ ହୋଇଛନ୍ତି ।"

ମେନକା ବହିପତ୍ର ଧରି ପ୍ରବେଶ କଲା । ବିପ୍ରବାବୁ କହିଲେ—"ଆଜି ତୋର ଅପା ତୋତେ ଛୁଟି ଦେଇଛନ୍ତି ରେ ମା' । ଯା' ଲୁଡ଼ୁ ଖେଳିବୁ ।"

ମେନକା ଖୁସି ହୋଇ ଦୌଡ଼ି ପଳାଇଲା । ବିପ୍ରବାବୁ ସବିତାକୁ ଦରେଣ୍ଡ୍ର ସ୍ୱରରେ ଚାହିଁ କହିଲେ—"ଦେଖ ସବିତା ଦେବୀ, ଆପଣ ମୋତେ କ୍ଷମା ଦେଲେ ଗୋଟାଏ କଥା କହନ୍ତି ।"

"କହନ୍ତୁ ।"

"ଜୀବନ ସଂଗ୍ରାମରେ ଧୈର୍ଯ୍ୟର ପରୀକ୍ଷା ମୁଁ ଦେଇ ସାରିଛି ଆଉ ପରାଜୟ ସ୍ୱୀକାର କରୁଛି । ମୋର ଏହି ସଂସାର ଦାୟିତ୍ୱ ତୁଲାଇବା ଦିଗରେ ମୁଁ ସମ୍ପୂର୍ଣ୍ଣ ଅନଭିଜ୍ଞ ଓ ଅସମର୍ଥ । ମୁଁ ଚାହେଁ, ବର୍ତ୍ତମାନ କୌଣସି ଏକ ସହାନୁଭୂତିଶୀଳା ନାରୀ ହସ୍ତରେ

ମୋ ସଂସାରର ସ୍ମୃତିକୁ ଅର୍ପଣ କରି ଶେଷ ବୟସରେ କିଛି ପଢ଼ା ଲେଖା କରିବା ପାଇଁ । ସେହି ଆଦର୍ଶମୟୀ ନାରୀ-ହୃଦୟ ମୁଁ ଆପଣଙ୍କ ଭିତରେ ପାଇଛି । କେବେ ଆପଣ ମୋର ସଂସାରର ନାୟିକା ?"

ସବିତା ଥରେ ବିପ୍ରବାବୁଙ୍କୁ ପୂର୍ଣ୍ଣ ଦୃଷ୍ଟିରେ ଚାହିଁ ତଳକୁ ମୁହଁ କଲା । ବିପ୍ରବାବୁ କହିଲେ—"ମୋତେ ଭୁଲ ବୁଝିବେ ନାହିଁ, ସବିତା ଦେବୀ ! ମୋର ବୟସ ପଚାଳିଶ ଟପିଲାଣି । ମୁଁ ବର୍ତ୍ତମାନ ସ୍ଥବିର । ଆପଣଙ୍କଠାରୁ ସ୍ତ୍ରୀତ୍ୱ ଦାବୀ କରିବାର ବୟସ ବା ଆକାଂକ୍ଷା ମୋର ନାହିଁ । ଆମ ଅସ ଚିତ ଭାବରେ ମୋତେ ଯେତିକ ସ୍ନେହ ଦେବେ ସେତିକିରେ ମୁଁ ଭାଗ୍ୟବାନ୍ ମଣିବି । ଆପଣ ଅନୁମତି ଦେଲେ ମୁଁ ଆଶ୍ୱସ୍ତ ହେବି । ଆଜି ଯଦି ଆପଣ ମୋ ବ୍ୟବହାରରେ ଅପମାନିତ ହୋଇଥାଆନ୍ତି ତ'ହେଲେ ମୋତେ କ୍ଷମା କରିବେ । ଟେବୁଲ ଉପରେ ଆପଣଙ୍କର ଏକ ମାସର ପାରିଶ୍ରମିକ ପନ୍ଦର ଟଙ୍କା ଅଛି । ଆପଣ ଦୟା କରି ନେଇଯିବେ । କାରଣ ମୁଁ ଜାଣେ ଏପରି ବ୍ୟବହାର ପରେ ଆପଣ ଆଉ ଏଠାକୁ ଆସିବେ ନାହିଁ ।

ବିପ୍ରଚରଣ ବାବୁଙ୍କୁ କୌଣସି ଉତ୍ତର ନଦେଇ ନୀରବ ନିସ୍ପନ୍ଦ ଭାବରେ ସବିତା ଉଠି ଟଙ୍କା ନ ନେଇ ଧୀରେ ଧୀରେ ସେଠାରୁ ଚାଲିଗଲା ।

—ଦଶ—

ସବିତା ଆଜି ଏକ ଜଟିଳ ସମସ୍ୟାର ସମ୍ମୁଖୀନ ହୋଇଛି । ବାହାରକୁ ଯେପରି ଶାନ୍ତ ସୁନ୍ଦର ଆଗ୍ନେୟଗିରି । ମାତ୍ର ତା'ର ଗର୍ଭରେ ତପ୍ତ ତରଳ ଧାତୁର ଅଶାନ୍ତ ଓ ଭୟଙ୍କର ପ୍ରକ୍ରିୟା ଏହି ସବିତାର ଶାନ୍ତ ଓ ଗମ୍ଭୀର ରୂପ ଅନ୍ତରାଳରେ, ଅନ୍ତରର

ଅନ୍ତରତମ ପ୍ରଦେଶରେ ଏକ ଅଶାନ୍ତ ଝଡ଼ ସୃଷ୍ଟି ହେଉଛି । ଜୀବନର ଦୀର୍ଘ ବାଇଶି ବର୍ଷ ମଧ୍ୟରେ ସେ ଏପରି ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇ ନଥିଲା । ଆଜି ଯେପରି ତା'ର ମନେ ହେଉଛି, ସେ ଗୋଟାଏ ନୂଆ ଜଗତରେ ପହଞ୍ଚୁଛି । ତା'ର ଚିର ପରିଚିତ ସରଳ, ମଧୁର ଜଗତ୍ ତା'ଠାରୁ ବହୁତ ପଶ୍ଚାତରେ ପଡ଼ି ରହିଛି ।

ବିପ୍ରଚରଣ ବାବୁଙ୍କ ଘରୁ ଫେରିବା ପରେ ପ୍ରାୟ ଏକ ସପ୍ତାହ ଅତିବାହିତ ହେଲାଣି । ଏହି ଦୀର୍ଘ ସମୟ ମଧ୍ୟରେ ସେ ପୁଣି ଥରେ ମେନକାକୁ ପଢ଼ାଇବା ଲାଗି ଯିବାକୁ ସାହସ ଅର୍ଜନ କରିପାରି ନାହିଁ ବିପ୍ରବାବୁ ଯେ ତାକୁ ଅପମାନ କରିଛନ୍ତି ଭାବି, ସେ ଯାଇ ପାରୁ ନାହିଁ, ତାହା ନୁହେଁ, ତାଙ୍କ ପ୍ରଶ୍ନର କି ଏକ ସନ୍ତୋଷ ଜନକ ଉତ୍ତର ଦେବ, ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ନପାରି ସେ ଅଶାନ୍ତି ଅନୁଭବ କରୁଛି ।

ସବିତା ଦିନେ ବିବାହ କରିବ ନାହିଁ ବୋଲି ପ୍ରତିଜ୍ଞା କରିଥିଲା । ମାତ୍ର ସଂସାରର ଜଟିଳ ପରିସ୍ଥିତି ଭିତରେ ତାକୁ ମତ ପରିବର୍ତ୍ତନ କରିବାକୁ ପଡ଼ୁଛି । ଏ ଦେଶରେ ନାରୀ ଜାତି ବିନା ପୁରୁଷକୁ ଅବଲମ୍ବନ କରି କିମ୍ବା ପୁରୁଷ ଆଶ୍ରୟ ବିନା ଯେ ସମ୍ମାନଜନକ ଜୀବନ ଅତିବାହିତ କରି ପାରିବ ନାହିଁ, ଜୀବନର ବାସ୍ତବ କ୍ଷେତ୍ରକୁ ଆସି ତାହା ସେ ଅନୁଭବ କରି ସାରିଛି । ତେଣୁ ସବିତାର ଆଜି ଗୋଟାଏ ଅବଲମ୍ବନ, ଗୋଟାଏ ଆଶ୍ରୟ ନିହାତି ଲୋଡ଼ା । ସେ ଅବଲମ୍ବନ, ସେ ଆଶ୍ରୟ କି'ଣ ବିପ୍ରଚରଣ ବାବୁ ?

ସବିତାର ହୃଦୟ ତଳେ ଆଜି ଯୁକ୍ତି ଓ ବିବେଚନାର ନିର୍ମମ ନିଷ୍ଠୁର ଧକ୍କାରେ ଗଭୀର ଆଲୋଡ଼ନ ସୃଷ୍ଟି ହେଉଛି । ବିପ୍ରବାବୁଙ୍କୁ ସେ କି ଉତ୍ତର ଦେଇ ପାରେ ? ତା'ର ମନେ ହେଲା,

ସେ ଯେପରି ଆଜ ଏତେ ବଡ଼ ଦୁନିଆରେ ନିତାନ୍ତ ଏକାକିନୀ । ଦିଗନ୍ତବ୍ୟାପୀ ଜଳଧି ବକ୍ଷରେ ସେ ଯେପରି ଏକାକିନୀ ଭାସୁଛି । କିଏ ତାକୁ କୂଳର ସନ୍ଧାନ ଦେବ ? କିଶୋରୀ ବୟସରେ ସେ ଗୋଟିଏ ରାଜକୁମାରର ସ୍ୱପ୍ନ ଦେଖିଥିଲା । ସେ ସ୍ୱପ୍ନ ତ ତା'ର ବହୁ ଦିନରୁ ଭାଙ୍ଗି ଯାଇଛି । ଆଜ ଜୀବନର ଏହି ବନ୍ଧୁର ପଥରେ ଅଗ୍ରସର ହେବା ପରେ ସେ ଗୋଟାଏ ଅବଲମ୍ବନକୁ ହାତ ବଢ଼ାଉଛି ମାତ୍ର । ସେ ଅବଲମ୍ବନ କ'ଣ ଏହି ସୌମ୍ୟ ଶାନ୍ତ, ସରଳ ଚିତ୍ତ ବିପ୍ରଚରଣ ବାବୁ ? ଯୁକ୍ତି ଓ ବିବେଚନାର ଆଜ ଏ ମହା ଅନ୍ଧାର ଭିତରେ କିଏ ତାକୁ ପଥ ଦେଖାଇ ଦେବ ?

ସବିତାର ଚିତ୍ତ ସରଳ ମନ ଏହି ଜଟିଳ ପରିସ୍ଥିତି ଭିତରେ କେବଳ ଛଟପଟ ହେବାକୁ ଲାଗିଲା । ସେ ସହଜରେ କୌଣସି ଏକ ସମାଧାନରେ ଉପନୀତ ହୋଇ ପାରିଲା ନାହିଁ । ଏହିପରି ଅଶାନ୍ତ ଉଦ୍‌ଭ୍ରାନ୍ତ ହୃଦୟ ଧରି ସେ ରବିବାର ଛୁଟି ଦିନ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ମନୋଜ ଘରେ ପହଞ୍ଚିଲା । ସେଠାରେ ପହଞ୍ଚି ଦେଖିଲା, ମନୋଜ ଘରକୁ କେତେଜଣ ନୂଆ ଅତିଥି ଆସି-ଛନ୍ତି । ତେଣୁ ତାଙ୍କ ଘର ହସ କୋଳାହଳ, କ୍ରୀଡ଼ା ଓ ଆମୋ-ଦରେ ମୁଖରିତ ହୋଇ ଉଠିଛି । ଅନସୂୟା ହସି ହସି ଆଗେଇ ଆସି ସବିତାର ହାତଧରି ଘର ଭିତରକୁ ଭିଡ଼ି ନେଲା ।

ସୁସଜ୍ଜିତ ବୈଠକଖାନାରେ ପାର୍ବତୀ ଦେବୀ ଓ ମନୋଜ ବସିଥିଲେ ଆଉ ତାଙ୍କ ପାଖରେ ଅନ୍ୟ ଦୁଇଟି ସୋଫାରେ ଜଣେ ବର୍ଷୀୟସୀ ମହିଳା ଓ ଜଣେ ସତର ଅଠର ବର୍ଷର ସୁନ୍ଦରୀ ତରୁଣୀ ବସିଥିଲେ । ପାର୍ବତୀ ଦେବୀ ସବିତାକୁ ଦେଖି କହିଲେ—"ଆସ ମା' ଆସ । ମୁହଁଟା ବଡ଼ ଶୁଖିଲା ଦିଶୁଛି । କ'ଣ ଦେହ ଭଲ ନାହିଁ କି ?"

ସବିତା ହସିଲା । କହିଲା—"ତୁମ ଆଖିର ଦୁର୍ବଳତା ଅଛି ମାଉସୀ ! ମା' ମାନେ ସର୍ବଦା ପୁଅ ଝିଅଙ୍କର ଅସୁସ୍ଥତା ସମ୍ବନ୍ଧରେ ସନ୍ଦେହ କରି ବସନ୍ତି । ତୁମେ ବି ସେହି ଦଳରେ ।"

ସମସ୍ତେ ହୋ ହୋ କରି ହସି ଉଠିଲେ । ବର୍ଷିୟସୀ ମହିଳାଟି ସବିତାର ଏହି ସୁମଧୁର କୋମଳ ବାକ୍‌ଭଙ୍ଗୀରେ ମୁଗ୍ଧା ହୋଇ ତାଙ୍କୁ ଚାହିଁ ରହିଲେ । ପାର୍ବତୀ ଦେବୀଙ୍କୁ ପଚାରିଲେ—"ଝିଅଟି ଆପଣଙ୍କର କ'ଣ ହୁଏ ?"

—"ସେ ମୋର ଝିଅ । ଅନୁ ଶ୍ରେଷ୍ଠ ଆଉ ସବିତା ବଡ଼ ।"

ଅନସୂୟା ପ୍ରତିବାଦ କଲା—"ନା, ମାଉସୀ, ମା' ମିଛ କହେ । ମୁଁ ବଡ଼ ଆଉ ସବିତା ଅପା ଶ୍ରେଷ୍ଠ ।"

—"ସେଇଥିପାଇଁ ତୁମେ ଅପା ଡାକୁଛ ପରା ?" ବର୍ଷିୟସୀ ମହିଳାଟି କହିଲେ । ଉପସ୍ଥିତ ସମସ୍ତେ ହସି ଉଠିଲେ । ଅନସୂୟା ବି ଲାଜ ପାଇ ହସିଲା ।

ପାର୍ବତୀ ଦେବୀ ନୂଆ ଅତିଥିଙ୍କ ସମ୍ମୁଖରେ ସବିତାର ପରିଚୟ ବାଢ଼ି ବସିଲେ । ଏହି ଝିଅଟିର ଜୀବନରେ ଏତେ ଝଡ଼ ଝଞ୍ଜା ବହି ଯାଇଛି ଶୁଣି ସେମାନେ ସମବେଦନାରେ ଭାଙ୍ଗି ପଡ଼ିଲେ । ଦୀର୍ଘ ନିଃଶ୍ୱାସ ନିକ୍ଷେପ କରି ବର୍ଷିୟସୀ ମହିଳାଟି କହିଲେ—"ହଁ ମା, ସବୁ ଭାଗ୍ୟର କଥା ।"

ପାର୍ବତୀ ଦେବୀ ସେହି ନୂଆ ଅତିଥିଙ୍କର ପରିଚୟ ଦେବାକୁ ଯାଇଁ କହିଲେ ଯେ ସେମାନେ ଅବସର ପ୍ରାପ୍ତ ସେସନ୍‌ସ ଜଜ୍ କୃଷ୍ଣ ମୋହନ ବାବୁଙ୍କ ପରିବାର । ଆଜି ସେମାନେ ଏଇଠାରେ ମଧ୍ୟାହ୍ନ ଭୋଜନ କରିବାର ନିମନ୍ତ୍ରଣ ଅଛି । ତା' ପରେ ସବିତା କାନ ପାଖରେ ମୁହଁ ଆଣି ପାର୍ବତୀ ଦେବୀ କହିଲେ—'ଏଇ ଝିଅଟି ତୁମ ମନକୁ କିପରି ଯାଉଛି ? ସେ ମୋର ଭାବୀ ପୁତ୍ରବଧୂ ହେବ ।"

ସହସା ସବିତା ଚୌକି ଉପରୁ ପଡ଼ି ଯାଉଥିଲା । ତା'ର ମୁଣ୍ଡ ଭିତରଟା ଯେପରି କ'ଣ ହୋଇ ଗଲା—ଯେପରି କେହି ଅଦୃଶ୍ୟ ହାତରେ ମହଣକିଆ ପଥରଟା ଲଦି ଦେଲା ତା'ର ମୁଣ୍ଡରେ । ତା'ର ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇ ଆସୁଛି କି ? ମୁଣ୍ଡ ଭିତରଟା ସହସା ଝିମ ଝିମ ହୋଇ ଉଠିଲା । ସେ କ'ଣ ଚୌକି ଉପରୁ ପଡ଼ିଯିବ କି ?

ପାର୍ବତୀ ଦେବୀ ସବିତାର ହାତଟା ଧରି ପକାଇ ବିସ୍ମିତ କଣ୍ଠରେ ପଚାରିଲେ—"କ'ଣ ହେଲା କି ମା ?"

ସବିତା ନିଜକୁ ସଂଯତ କରି ସାରିଥିଲା । ମୁହଁରେ କରୁଣ ହସ ଫୁଟାଇ କହିଲା—"ନା, ଦେହଟା ଦୁର୍ବଳ ଅଛି—ତେଣୁ ମୁଣ୍ଡଟା ବୁଲାଇ ଦେଲା ।

—"ତୁମେ ତା' ହେଲେ ଯାଅ, ଅନସୂୟା ଘରେ ଟିକିଏ ଶୋଇ ପଡ଼ ।"

—"ମାଉସୀ ଭାରି ଡରକୁଳୀ । ସାମାନ୍ୟ ଟିକିଏ କ'ଣ ହେଲେ, ଭୟରେ ଅସ୍ଥିର ! ସାମାନ୍ୟ ଅସୁସ୍ଥତାରେ ଶୋଇ ରହିବା ଝିଅ ମୁଁ ନୁହେଁ । ମୋତେ ପରା ଗୃହକର୍ମ କରି ପେଟ ପୋଷିବାକୁ ପଡ଼େ !" ସବିତା ନିଜ କଥାରେ ନିଜେ ଖିଲ୍ ଖିଲ୍ ହୋଇ ହସି ଉଠିଲା ।

—"ତା' ହେଲେ ଅନୁ, ଦୌଡ଼ିଗଲୁ ମା, ସ୍ମେଲିଂ ସଲ୍ଟ ଶିଶିଟା ଆଣିବୁ ।" ପାର୍ବତୀ ଦେବୀ ଉତ୍କଣ୍ଠିତ କଣ୍ଠରେ କହିଲେ ।"

—"ମାଉସୀ ଗୋଟାଏ ବଡ଼ ପାଗଳୀ ।" କହି ସବିତା ଜୋରରେ ହସି ଉଠିଲା । ହସି ହସି ବେଦମ ହୋଇ କହିଲା—"କିଛି ଦରକାର ହେବ ନାହିଁ, ମାଉସୀ ! ତା'ଛଡ଼ା ମୁଁ ଅନୁସହିତ ଟିକିଏ ବାହାରେ ବୁଲି ଆସିବାକୁ ଯାଉଛି । ମୁଣ୍ଡ ଭଲ ଲାଗିବ ।"

ସବିତା ଅନୁ ସାଥିରେ ପଦାକୁ ବାହାରି ଗଲା । ବଗିଚା ଭିତରେ ବୁଲୁ ବୁଲୁ ଅନୁ ପଚାରିଲା—"ତୁମେ କ'ଣ ଅସୁସ୍ଥ ଅଛ ସବିତା ଅପା ?"

—"ଜାଣିନି ମ, ଆଜକାଲି ଟିକିଏ ବେଶି ଝାଉଁଣି ପଡ଼ୁଛି । ସେଇଥିପାଇଁ ଦୁର୍ବଳ ହୋଇ ପଡ଼ିଥିବ । ଆଉ ସେହି ଦୁର୍ବଳତାର ସୁଯୋଗ ନେଇ ମୁଣ୍ଡଟା ବି ଆଜି ହଠାତ୍ ବୁଲାଇ ଦେଲା । ସେ କିଛି ନୁହେଁ ।"

ଅନସୂୟା ଆଶ୍ୱସ୍ତ ହୋଇ ହସିଲା । କହିଲା—"ସେ ଘରେ ଯେଉଁ ଝିଅଟି ବସିଥିଲେ, ସେ କିଏ ଜାଣ ସବିତା ଅପା ?"

—"ଜାଣେ, ସେ ତୁମର ନୂଆ ବୋହୂ ।"

—"ବାଃରେ, ତୁମେ ଜାଣି ସାରିଛ ! ତୁମ ମନକୁ ପାଉଛି ତ ?"

—"ଖୁବ ପାଉଛି । ଝିଅଟି କ'ଣ ପଢ଼ା ପଢ଼ି କରୁଛି ?"

—"ଏ ବର୍ଷ ଥର୍ଡ୍ ଇୟର୍‌ରେ ପଢ଼ୁଛି । ଏଥର ବୋଧହୁଏ ପଢ଼ାପଢ଼ି ବନ୍ଦ ହେବ । କାରଣ ଆସନ୍ତା ଫଗୁଣରେ ଭାଇଙ୍କର ବାହାଘର ।"

—"ସତେ ?" ସବିତା ଟିକିଏ ଅନ୍ୟମନସ୍କା ହେଲା ।

ମଧ୍ୟାହ୍ନ ଭୋଜନ ପରେ ଟିକିଏ ବିଶ୍ରାମ ନେଇ ସବୁ ହଷ୍ଟେଲକୁ ଆସିବା ଉଦ୍ଦେଶ୍ୟରେ ସବିତା ବିଦାୟ ନେଇ ବାହାରିଲା । ଅନସୂୟା ତାକୁ ଫାଟକ ପର୍ଯ୍ୟନ୍ତ ବଳେଇ ଦେବାକୁ ଆସିଲା । ଦୁଇ ଭଉଣୀ ସମ୍ବନ୍ଧୁଣୀ ବସି ପାନ ଚୋବାଉ ଚୋବାଉ ଝୁପି ଉପରେ ମସ୍‌ଗୁଲ ଥିଲେ । ସବିତା ଫେରିବା ସମୟରେ ଅନିଚ୍ଛା ସତ୍ତ୍ୱେ ତା'ର ସମ୍ପୂର୍ଣ୍ଣ ଅଜ୍ଞାତରେ ଆଖି ଦୁଇଟା ସ୍ୱତଃ ଟାଣି ହୋଇ ମନୋଜ ଘରର ବାତାୟନ ପଥରେ ଭିତରକୁ ପ୍ରବେଶ କଲା । ମନୋଜ ଆଉ ସେହି ପରିଚିତା ଝିଅଟି ପଲଙ୍କ

ଉପରେ ଦେହକୁ ଡେରା ଲଗାଇ ବସି ହାସ୍ୟ ଉତ୍ଫୁଲ୍ଲିତ ଦୃଷ୍ଟି ସମ୍ମୁଖରେ ଗୋଟିଏ କଣ ବହି ମେଲେଇ ପଢ଼ୁଥିଲେ । ଝିଅଟି ମନୋଜର ଛାତି ଉପରକୁ ସମ୍ପୂର୍ଣ୍ଣ ଭାବରେ ଆଉଜି ବସିଥିଲା । ଝିଅଟି ତା'ର ଅନନ୍ୟସାମାନ୍ୟ ଭଙ୍ଗୀ ନ ମାନି ପଡ଼ିଯିବା ଆଶଙ୍କାରେ ମନୋଜ ଗୋଟାଏ ହାତରେ ତା'ର କଟି ବେଷ୍ଟନ କରିଥିଲା ।

ଆଉ ବେଶୀବେଳ ଏ ଦୃଶ୍ୟ ଦେଖିବାର ଧୈର୍ଯ୍ୟ ସବିତାର ନ ଥିଲା । ସ୍ନେହ ସୁହାସିନୀର ଏ ଦୃଶ୍ୟ ଦେଖୁଥିବା ହେତୁ ସେ ନିଜକୁ ଏକ ଅପରାଧୀନୀ ମନେ କଲା । ସେ ଯେପରି କ'ଣ ଚେଷ୍ଟା କରୁଛି ଏ ଘରେ—ସେ ଯେପରି କ'ଣ ଗୋଟାଏ ଅନଧିକାର କାର୍ଯ୍ୟ କରୁଛି । ସେ ଅନନ୍ୟୋପାୟ ଲଜ୍ଜିତ ତର ତର ହୋଇ ସିଡ଼ିରେ ତଳକୁ ଓହ୍ଲାଇ ଆସିଲା ।

ହଷ୍ଟେଲରେ ପହଞ୍ଚି ନିଜର ଶଯ୍ୟାରେ ଚିତ୍ ହୋଇ ଶୋଇ ସବିତା ହୃଦୟରେ ଅଶେଷ ଦୁର୍ବିସହ ଭାବନା ଭରି ରଖି ଛଟପଟ ହେବାକୁ ଲାଗିଲା । ଆଜି ଯେପରି ତା'ର ମନେ ହେଉଛି ଯେ, ତା'ର ଜ୍ଞାନ-ନେତ୍ର ଧୀରେ ଧୀରେ ଫିଟିବାର ସାମର୍ଥ୍ୟ ଫେରି ପାଇଛି । ଏହି ସହରକୁ ଆସିବା ପରେ, ମନୋଜ ସହିତ ତାର ସାକ୍ଷାତ ଘଟିବା ପରେ ସବିତା ଯେପରି ଏକ ମାୟା କୁହେଳିକାରେ ଆଚ୍ଛନ୍ନ ଥିଲା ଏହି ପାଞ୍ଚ ଦିନ ଧରି । ଆଜି ସବିତାର ପ୍ରଖର କିରଣ ଜାଲରେ ସେହି କୁହେଳିକା ଅପସାରିତ ହେଉଛି । ନବୀନ ଆଲୋକପାତରେ ଧରଣୀ କିପରି ସ୍ୱଚ୍ଛ ସୁନ୍ଦର ଓ ହାସ୍ୟମୟୀ ହୋଇ ଉଠିଲାଣି ।

ମନୋଜ ପ୍ରତି ସବିତାର ଅନ୍ତର ତଳେ ଅତି ପ୍ରଚ୍ଛନ୍ନ ଭାବରେ ଯେଉଁ ଦୁର୍ବଳତା ଜାତ ହୋଇଥିଲା ତାହା ଆଜି ସହସା ଏକ ନିର୍ମମ ଝଞ୍ଜାଘାତରେ ଶତଧା ଚୂର୍ଣ୍ଣ ବିଚୂର୍ଣ୍ଣ ହେଲା । ସେହି ମଧୁର ସ୍ୱପ୍ନ ଓ ରଙ୍ଗୀନ କଳ୍ପନାର ନିର୍ମମ ଧ୍ୱଂସାବଶେଷ ଅବଶ୍ୟ

ସବିତା ଅନ୍ତରରେ ଦୁଃଖ ସଞ୍ଚାର କରୁଛି, ମାତ୍ର ସବିତା ଆଶ୍ୱସ୍ତା ହେଉଛି ଏତିକି ଭାବି ନଯ, ସେ ଆଜିଯାଏ କେବଳ ଅଳୀକ ସ୍ୱପ୍ନ ଗଢ଼ିଥିଲା—ତା'ର ରଙ୍ଗୀନ କଳ୍ପନା-ସୌଧ ତଳେ କୌଣସି ଦୃଢ଼ ଭିତ୍ତି ନ ଥିଲା । ସେ ଆଶ୍ୱସ୍ତା ହେଲା ଏତିକି ଭାବି ଯେ ଏହି ଅନିଶ୍ଚୟତା ମଧ୍ୟରେ ତାକୁ ଆଉ ଅଧିକ ଦିନ ଆନ୍ଦୋଳିତ ଅବସ୍ଥାରେ ରହିବାକୁ ପଡ଼ିବ ନାହିଁ । ସ୍ୱପ୍ନ ଚିରଦିନ ଅନ୍ଧାର ଭିତରେ ଅଚେତନା ଭିତରେ ରହିବ । ସ୍ୱପ୍ନକୁ ଅବଲମ୍ବନ କରି କୌଣସି ଚେତନାଶୀଳ ମଣିଷ ବଞ୍ଚି ରହି ପାରିବ ନାହିଁ । ସଂସାରର ଏହି ରୁକ୍ଷ ବାସ୍ତବତା ଭିତରେ ତାକୁ ବାସ୍ତବ ଅବଲମ୍ବନ ଖୋଜି ବାହାରି ଜଡ଼ିବାକୁ ପଡ଼ିବ ।

ତେବେ ସେହି ଦୃଢ଼ ଅବଲମ୍ବନ, ନିର୍ଭରଶୀଳ ଆଶ୍ରୟ ସବିତା କେଉଁଠି ଖୋଜି ପାଇବ । ସେ ଅବଲମ୍ବନ, ସେହି ଆଶ୍ରୟ କଣ ସରଳଚିତ୍ତ, ସ୍ୱଭାବପ୍ରବଣ କବି ବିପ୍ରଚରଣବାବୁଙ୍କ ଭିତରେ ଅଛି ? ତାହା କ'ଣ ସ୍ଥାୟୀ, ନିର୍ଭରଶୀଳ, ବିଶ୍ୱାସଯୋଗ୍ୟ ? କିଏ କହିବ । ହେ ଅନ୍ତର୍ଯ୍ୟାମୀ, ତୁମେ ହିଁ କୁହ, ତୁମେହିଁ କୁହ । ସବିତା ଆଜି ଏତେ ବଡ଼ ଦୁନିଆରେ ନିଜକୁ ବଡ଼ ଏକାକିନୀ ମନେ କରୁଛି । ତାକୁ ଆଜି ସାହାଯ୍ୟ କରିବାକୁ, ଏ ଅନ୍ଧାର ଭିତରେ ବାଟ ଦେଖାଇ ଦେବାକୁ କେହି ଯେପରି ତାର ଘର ପାଖରେ ନାହାନ୍ତି ।

ବିପ୍ରଚରଣବାବୁ ସ୍ୱତଃ ପ୍ରବୃତ୍ତ ହୋଇ ଅଯାଚିତ ଭାବରେ ତାକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ତାକୁ ଏ ସଂସାର ଦାଣ୍ଡରେ ହାତ ଧରି ନିର୍ଭୀକ ଚିତ୍ତରେ ଚଲାଇବା ପାଇଁ ତା' ଆଡ଼କୁ ହାତ ବଢ଼ାଇ ଦେଇଛନ୍ତି । ବିପ୍ରଚରଣ ବାବୁ ତାକୁ ଅପ୍ରତ୍ୟାଶିତ ନିମନ୍ତ୍ରଣ ଜଣାଇଛନ୍ତି—ଆସ, ତୁମରି ସହଯୋଗରେ ମୋର ପୁନର୍ଜନ୍ମ ଲାଭ ହେବ ଆଉ ମୋର ଅବଲମ୍ବନ ପାଇ ତୁମେ

ଆଶ୍ୱସ୍ତ ହେବ । ଉପ୍ରବାବୁଙ୍କର ଏହି ନିମନ୍ତ୍ରଣ, ହେଉ ନା ତାହା ଅତନ୍ତ୍ରମାପୁ ତାହା କ'ଣ ପ୍ରତ୍ୟାଖ୍ୟାନଯୋଗ୍ୟ ? କାହିଁକି ? ସେହି ନିମନ୍ତ୍ରଣରେ ତ ଏତେ ଟିକିଏ ଆବିଳତା ନାହିଁ । ତାହା ତ ଜଣେ ସମଦୁଃଖୀ ସମ୍ମୁଖରେ ଆଉ ଜଣେ ସମଦୁଃଖୀର କାତରୋକ୍ତି କରୁଣ ଆଉ ସଜଳ । ସେହି ହତଭାଗା ସ୍କୁଲ ଶିକ୍ଷକ, ସୌମ୍ୟ-ଦର୍ଶନ ଉପ୍ରବାବୁଙ୍କ ନିମନ୍ତ୍ରଣରେ କ'ଣ କୌଣସି ସମ୍ମାନ ନାହିଁ ? ତାହା କଣ ନିହାତି ଅବହେଳାର ବସ୍ତୁ ?

ସବିତାର ଅଲକ୍ଷ୍ୟରେ କେତେବେଳେ ଦୁଇଧାର ଲୁହ ତା'ର ଆଖିରୁ ଗାଲ ଉପରକୁ ଝରି ଆସିଲା । ସେହି ହତଭାଗା ସ୍କୁଲ ଶିକ୍ଷକ ପ୍ରତି ସବିତାର ହୃଦୟ କେତେବେଳେ ସମବେଦନାରେ ଭରି ଉଠିଲାଣି ତାହା ସେ ଜାଣି ନାହିଁ । ସହସା ନିତାନ୍ତ ଅସହାୟ ପରି ସବିତା କରଯୋଡ଼ି ତା'ର ଅନ୍ତର୍ଯ୍ୟାମୀ ଉଦ୍ଦେଶ୍ୟରେ ପ୍ରଣାମ କରି ଅସ୍ଫୁଟ ସ୍ୱରରେ କହିଲା —"ଭଗବାନ, ମୋର ହୃଦୟରେ ଧୈର୍ଯ୍ୟ ଦିଅ, ମନରେ ଶକ୍ତି ଦିଅ ।"

ରାତିରେ ଖାଇ ସାରିବା ପରେ ଅସ୍ଥିର ଚଞ୍ଚଳ ହୃଦୟ ଧରି ସବିତାର ଆଖିକୁ ନିଦ ଆସିଲା ନାହିଁ । ସେ ଶଯ୍ୟାପରେ ଅନେକ ସମୟ ପର୍ଯ୍ୟନ୍ତ ଛଟପଟ ହେଇ ବଡ଼ ଅସ୍ୱସ୍ତି ବୋଧକଲା । ବଗିଚାର ଅନ୍ଧାରରେ ଟିକିଏ ବୁଲି ଆସିଲେ ତା'ର ଚିନ୍ତା ଭାରାକ୍ରାନ୍ତ ମସ୍ତିଷ୍କ ହାଲୁକା ପଡ଼ିଯିବ ଆଉ ତାକୁ ନିଦ ଆସିବ, ଏହି ଆଶାରେ ସେ କବାଟ ଫିଟାଇ ବାହାରକୁ ଆସିଲା ।

ରାତି ପ୍ରାୟ ଦଶଟା ହେବ । ଆକାଶରେ ଦ୍ୱାଦଶୀ ଚନ୍ଦ୍ର ଉଠିଛି । ରଜତ ଜ୍ୟୋତ୍ସ୍ନାରେ ସାରା ଉଦ୍ୟାନଟି ଅବଗାହନ କରି ଏକ କରୁଣ ମଧୁର ଶ୍ରୀ ଧରିଛି । ସବୁଜ ଦୁବାଦଳ ଉପରେ ଏତିକି ବେଳୁ ଶିଶିର କଣା ବିନ୍ଦୁବିନ୍ଦୁ ପଡ଼ିବା ଆରମ୍ଭ ହେଲାଣି । ପାଦକୁ ବେଶ ଶୀତଳ ଆଉ କୋମଳ ଲାଗୁଛି । ସବିତା ଉଦ୍ୟାନଟି

ଭିତରେ କିଛିକ୍ଷଣ ପାଇଁ ଏଣେ ତେଣେ ଉଦ୍ଦେଶ୍ୟ ହୀନ ଭାବରେ ଘୁରି ବୁଲିଲା । ବୁଲି ବୁଲି ଯାଇଁ ସେ ଉଦ୍ୟାନର ଶେଷ କୋଣରେ ପ୍ରାଚୀର ନିକଟରେ ପହଞ୍ଚିଲା । ସହସାନାରୀ କଣ୍ଠର ଚାପା ହସ ଓ ଫିସ୍ ଫିସ୍ କଥା ଶୁଣି ନେ ନିସ୍ତବ୍ଧ ଭାବରେ ଛିଡ଼ାହୋଇ ପଡ଼ିଲା । କି ଆଶ୍ଚର୍ଯ୍ୟ କଥା ! ଏତେ ରାତିରେ ଏହି ଉଦ୍ୟାନ କୋଣରେ କିଏ କଥାବାର୍ତ୍ତା ହେଉଛନ୍ତି ?

ସବିତା ଅଶୋକ ଗଛର ପଛରୁ ଲୁଚି ଲୁଚି ସନ୍ତର୍ପଣରେ ସେ ଦିଗକୁ ନିରୀକ୍ଷଣ କଲା । ମାଧବୀଲତାର କୁଞ୍ଜ ତଳେ ଗୁପି ଗୁପିକା ଜହ୍ନ ଆଲୁଅରେ ଦୁଇଟି କିଶୋର କିଶୋରୀ ବସିଛନ୍ତି । କିଶୋରୀଟି ସେହି ସ୍କୁଲ ହଷ୍ଟେଲରେ ରହେ । ସପ୍ତମ ଶ୍ରେଣୀରେ ପଢ଼ୁଥିବା ମନୋରମା । ଆଉ କିଶୋରଟି ନିକଟରେ ଗୋଟାଏ ଲୁଗା ଦୋକାନରେ କାର୍ଯ୍ୟ କରେ । ସବିତା ଦୁହିଁଙ୍କୁ ଚିହ୍ନେ ।

ସବିତା ଧୀର ସନ୍ତର୍ପଣ ପଦକ୍ଷେପରେ ସେଠାରୁ ଲେଉଟି ଆସି ନିଜ କୋଠରୀରେ ଶୋଇଲା । ନା, ଏହି ଦୂଷିତ ବାତାବରଣ ଭିତରେ ସବିତା ଆଉ ବଞ୍ଚି ପାରିବ ନାହିଁ । ଏଠାରେ ଆଉ ମୁହୂର୍ତ୍ତେ ରହିବାର ମନର ଦୃଢ଼ତା ସବିତାର ନାହିଁ । ତାକୁ ହଷ୍ଟେଲ ଛାଡ଼ି ଚାଲି ଯିବାକୁ ହେବ । ଏଠାରେ ମଣିଷର ସହଜ ସରଳ ହୃଦୟ ବିଷାକ୍ତ ହୋଇ ଉଠିବ । ଆଜି ସମସ୍ତଙ୍କ ପରିବର୍ତ୍ତନ ସହିତ ପବିତ୍ର ଶିକ୍ଷା ପୀଠରେ ପୂତିଗନ୍ଧମୟ ନର୍ଦ୍ଦମା ସୃଷ୍ଟି ହେଉଛି । ଏହି ଅସୁସ୍ଥ ଓ ଅକଲ୍ୟାଣକର ଆବେଷ୍ଟନୀରୁ ପଳାଇ ପାରିଲେ ସେ ବଞ୍ଚେ ।

## ଏଗାର

ସକାଳେ ନିଦରୁ ଉଠି ସବିତା ବାତାୟନ ପଥରେ ବାହାର ଦୃଶ୍ୟ ଉପରେ ଦୃଷ୍ଟି ନିବଦ୍ଧ କଲା । ବାହାରେ ଫାଲ୍‌ଗୁନର ଏକ ସରସ ମଧୁର ପ୍ରଭାତ ଆତ୍ମପ୍ରକାଶ କରୁଛି । ଶିଶିର ସିକ୍ତ ସବୁଜ

ଦୁର୍ବାଦଳ ଉପରେ ସକାଳର ସୁନାରଙ୍ଗର କୋମଳ ରବି-ରଶ୍ମି ପତିତ ହୋଇ ଗୋଟାଏ ଅନବଦ୍ୟମୟ, କମନୀୟ ଶ୍ରୀ ଧାରଣ କରିଛି । ଉଦ୍ୟାନର ପ୍ରାନ୍ତ ପ୍ରାନ୍ତରେ ଫୁଲ୍ଲକିତ! ଅନେକ ପୁଷ୍ପ-ସମ୍ଭାରରେ ବିଭୂଷିତ ହୋଇ ମଧୁର ସୌନ୍ଦର୍ଯ୍ୟରେ ସ୍ଥାନଟିକୁ ପ୍ରୀତିମୟ କରି ତୋଳିଛନ୍ତି । ଅମ୍ବ ମୁକୁଳର ଶିଶୁ ମଞ୍ଜୁଆଳ ଗନ୍ଧ ଦକ୍ଷିଣର ଧୀର ପବନ ସାଥିରେ ଭାସି ଭାସି ନିଜକୁ ଅଂଶେଷ କରି ଲୁଚାଇ ଦେଉଛି । କେଉଁ ଏକ ତରୁ ଡାଳରେ ଘନ କିଶଳୟ-ଆଚ୍ଛାଦନରେ କୋକିଳଟିଏ ବସି ମନ ଆନନ୍ଦରେ ଅନବଦ୍ୟ କୁହୁରବ ମେଳିଛି ।

ସବିତାକୁ ଆଜିର ସକାଳଟା ବଡ଼ ଅଦ୍ଭୁତ ଲାଗିଲା । ପୂର୍ବ ବାଇଶି ବର୍ଷର ଜୀବନ ମଧ୍ୟରେ ସେ ଏପରି ମଧୁର ଓ ପବିତ୍ର ସକାଳ ଦେଖିନାହିଁ । ଆଜିର ଏହି କମନୀୟ ସକାଳ ବେଳାରେ ମଧୁର ସ୍ୱପ୍ନ ପରି, ତା'ର ଜୀବନର କୌଣସି ଏକ ଜଟିଳ ସମସ୍ୟାର ସମାଧାନ ବୋଧହୁଏ ସେ ଆବିଷ୍କାର କରି ପାରିଛି । ତେଣୁ ଏହି ସକାଳଟିକୁ ସେ ନିଜ ମନର ରଙ୍ଗରେ ରଙ୍ଗାଇ ନେଇଛି । ଅନ୍ତରର ଐକାନ୍ତିକ, ଉଚ୍ଛଳ ଆନନ୍ଦ ଆଉ ମନର ରଙ୍ଗୀନ ଦୃଷ୍ଟିରେ ଦେଖି ସେ ଏ ସକାଳର ମନ-ସ୍ପର୍ଶୀ ସୁନ୍ଦରତା ଅନୁଭବ କରିଛି ।

ଆଜିର ଏହି ଅନାବିଳ ସକାଳ ନେଇଆସିଛି ସବିତା ଲାଗି ଯେ ଏକ ନୂତନ ମଧୁର ବାର୍ତ୍ତା ବହନ କରି ଆସିଛି । ଏହା ପ୍ରଭାତ ବୋଧହୁଏ ସବିତାର ସମସ୍ତ ଅତୀତର ଅବସାଦମୟ ଜୀବନକୁ ଭୁଲି ନିମିଷେକ ଛୋଟ୍ଟ ସକାଳ ତାକୁ ଏକ ନବ ଜନ୍ମ ଦେଲା । ଏହି ପ୍ରଭାତ ସବିତାର ହୃଦୟକୁ ଏକ ନବ ମନ୍ତ୍ରରେ ଦୀକ୍ଷିତ କଲା । ସବିତା ଏହି ନୂତନ ପ୍ରଭାତର ଅନାଗତ ଆଶୀର୍ବାଦ ମଥା ପାତି ଗ୍ରହଣ କରି ତା' ଉଦ୍ଦେଶ୍ୟରେ ହାତଯୋଡ଼ି ନମସ୍କାର କଲା ।

ସବିତା ଅନ୍ତର ତଳେ ଆଜି ଯେମିତି କେଉଁ ଦେବତାର କାଠିଁଆ ସ୍ପର୍ଶରେ ନବୀନ ଉନ୍ମାଦନା, ନବୀନ ଉତ୍ସାହ ତରଙ୍ଗ-ପ୍ରବାହ ସମ ଖେଳି ବୁଲୁଛି । ତା'ର ଶରୀରରେ ଆଜି ନବୋଦ୍ଭୂତ ଏ ଅଶେଷ ପ୍ରାଣ ଶକ୍ତି ଉଛୁଳି ଉଠିଛି । ଜୀବନଟାକୁ ଗଢ଼ି ଦେବାଲାଗି ଆଜି ତା'ର ପ୍ରବଳ ବାସନା ଜାଗିଛି । ସେ ବି ଏହି ସଂସାରରେ ମଣିଷ ପରି ବଞ୍ଚିବାକୁ ଚାହେଁ । ତା'ର ମଣିଷ ହୃଦୟର ସମସ୍ତ ଆଶା, ତା'ର ମଣିଷ ଦେହର ସବୁ ବାସନା ପରିତୃପ୍ତି ରୂପେ ଉପଭୋଗ କରିବାକୁ ଚାହେଁ ।

ସବିତା ଗୁଣୁ ଗୁଣୁ ହୋଇ ଗୋଟାଏ ଆଧୁନିକ ପ୍ରେମ ସଙ୍ଗୀତ ଗାଇ ଗାଇ ଗାଧୁଆ ଘରକୁ ଗଲା । କୁଞ୍ଜ ମୂଳରେ ସୁନା ମା'କୁ ଦେଖି କହିଲା—"ଗୁଡ୍ ମର୍ଣ୍ଣିଂ ମ୍ୟାଡାମ ।"

ସୁନା ମା' ସବିତା ମୁହଁରେ ନୂଆ ରଙ୍ଗ, ତା'ର ଚାହାଣିରେ ନୂତନ ଜୀବନ ସ୍ପର୍ଶ ଦେଖି ଟିକିଏ ଚମକି ପଡ଼ିଲା । କଲିକତା ମୋହନ ବାବୁ ମରିବା ପରଠୁ ଅପମାନିତ ହୋଇ ଫେରିବା ଦିନରୁ ସୁନା ମା' ଉପରେ ସବିତା ଭଲ ମାନ୍ତି ନଥିଲା । ଆଜି ତା'ର ଏମିତି ନୂଆ ଢଙ୍ଗ ଦେଖି ବୁଢ଼ୀ ହସି କହିଲା—"କ'ଣ ଗୁଡ୍ ମର୍ଣ୍ଣିଆ କଣ କହୁଛ ମ ଅପା ?"

—"ଗୁଡ୍ ମର୍ଣ୍ଣିଆ ମାନେ, ସକାଳ ନମସ୍ତେ । ତୋ ପାଣି ଦେ' । ନହେଲେ ଡେରି ।"

ସବିତାକୁ ଏହି କାଳି କିଆ ନିଜକୁ ଚିତ୍ତ ଥିଲା ପଡ଼ିଲା ଗାଢ଼ ମିଶ୍, ଦେହରେ ଚନ୍ଦନ ବୃଷ୍ଟି ଲାଗି ପୁଷ୍ପ ଦଳିଆ ନଗ୍ନ, ଜଳସିକ୍ତ ଶାଢ଼ୀ ଦେହ ଲିପ୍ତ ହୋଇ ସେ ଧନ୍ଦଭରା ଯାଉଁଳ ଘର ଭିତରେ ବୁଲିଲା । ଆଖିରେ ତା'ର ମଦଭରା ଚାହାଣି, ଅଧରରେ ମୃଦୁ କରୁଣ ହସ । ମୁହଁରେ ତା'ର ଯୌବନର ଲୋଭନୀୟ ଆଭା ଆଜି ଚନ୍ଦ୍ର କଳାରେ ତା'ର ସମସ୍ତ

ଜୀବନର ଯୌବନ-ବିଭବ ଏକତ୍ରିତ ହୋଇ ଏକ କମନୀୟ ଶ୍ରୀ ଧାରଣ କରିଛି । ଆଜ ସବିତାର ଏକ ଅଭିନବ ଅଭିସାରିକା ବେଶ ! ଏତ ଶିକ୍ଷୟିତ୍ରୀ ସବିତା ମହାନ୍ତି ନୁହେଁ । ଏ ବୋଧହୁଏ କୌଣସି ମଦାଳସା ଉତ୍ତବଦର୍‌ଧା ପୁଷ୍ପିତ ଯୌବନା !!

ଖଣ୍ଡିଏ ସାଇକେଲ ରିକ୍ସାରୁ ଓହ୍ଲାଇ ଶଙ୍କିତ ଚିତ୍ତ ଓ ଉଦ୍‌ବେଳିତ ମନ ଧରି ଧୀର ପଦକ୍ଷେପରେ ସେ ବିପ୍ରଚରଣ ବାବୁଙ୍କ ଘରେ ପ୍ରବେଶ କଲା । ବିପ୍ରଚରଣବାବୁ ସକାଳର ଚା ଖାଇ ଖବର କାଗଜ ପଢୁଥିଲେ । ଆର ଘରେ ମେନକା ବସି ସ୍କୁଲର ଅଙ୍କ କଷୁଥିଲା । ବୁଢ଼ୀ ମାଉସୀ ବିପ୍ରଚରଣ ବାବୁଙ୍କର ଦୁଇଟି ଶିଶୁ ପୁଅଙ୍କୁ ମୁହଁ ହାତ ଧୋଇ ଦେଇ ସେଟେଇ ଘରେ ଜଳଖିଆ ଖୁଆଉ ଥିଲା । ସବିତାର ପଦ ଶବ୍ଦରେ ବିପ୍ରଚରଣବାବୁ ମୁହଁ ଟେକି ଚାହିଁ ହଠାତ୍ ଚମକି ପଡ଼ିଲେ । ତାଙ୍କ ସମ୍ମୁଖରେ ସକାଳର ଶିଶିର ସ୍ନାତା କମଳିନୀ ସଦୃଶା ଏକ ଅପୂର୍ବ ସୁନ୍ଦରୀ ନାରୀ ଛିଡ଼ା ହୋଇଛି । ବିପ୍ରବାବୁଙ୍କ କବି-ଦୃଷ୍ଟି ସହସା ଉଦ୍‌ଭାସିତ ହୋଇ ଉଠିଲା । ପର ମୁହୂର୍ତ୍ତରେ ବୟସର ଗୁରୁତା ଜନିତ ସଂଯମ ତାଙ୍କୁ ଆତ୍ମସ୍ଥ କଲା । ସେ କହିଲେ—"ଆସନ୍ତୁ ସବିତା ଦେବୀ, ବସନ୍ତୁ । ଆଜି ବଡ଼ ଅସମୟରେ ଅପ୍ରତ୍ୟାଶିତ ଭାବରେ ଏ ଭାଗ୍ୟହୀନ କୁଟୀରରେ ପହଞ୍ଚିଗଲେ । ଆପଣଙ୍କ ଲାଗି ଚା'ର ବରାଦ କରୁଛି ।"

—"ଚା'ତ ମୁଁ ଖାଏ ନାହିଁ ।" ସଙ୍କୁଚିତ ଭାବରେ ଖଣ୍ଡିଏ ଚୌକିରେ ବସୁଁ ବସୁଁ ସବିତା ଲଜ୍ଜା ସିକ୍ତ କଣ୍ଠରେ କହିଲା ।

—"ଚା' ନ ଖାଆନ୍ତୁ, ଜଳଖିଆ ଟିକିଏ ଖାଆନ୍ତୁ ।" କହି ବିପ୍ରବାବୁ ବୁଢ଼ୀ ମାଉସୀଙ୍କୁ ଜଳଖିଆର ବରାଦ ଦେଲେ ।

ଦୁହେଁ କିଛିକ୍ଷଣ ନୀରବ ନିର୍ବାକ ହୋଇ ବସି ରହିଲେ । ସେ ଦିନର ସେହି ନିର୍ଲଜ ବ୍ୟବହାର ପରେ କି କଥା କୁହାଯାଇ ପାରେ ବିପ୍ରବାବୁ ବସି ବସି ଭାବୁଥିଲେ ଆଉ ସବିତାକୁ କଣେଇ କଣେଇ ଚାହୁଁ ଥିଲେ । ସବିତା ମଧ୍ୟ କିପରି ଭାବରେ ତା'ର ଆନନ୍ଦର ସନ୍ଧାନ ବିପ୍ରବାବୁଙ୍କୁ ଦେବ, ବସି ବସି ଭାବୁଥିଲା ଆଉ ଅଙ୍ଗୁଳିରେ ଅଞ୍ଚଳ ପ୍ରାନ୍ତ ଗୁଡ଼ାଉ ଥିଲା । ବୁଢ଼ୀ ମାଉସୀ ଜଳଖିଆ ଥାଳି ଧରି ପ୍ରବେଶ କଲା । ହଠାତ୍ ଏହି ଅସହ୍ୟକର ପରିସ୍ଥିତିରୁ ରକ୍ଷା ପାଇ ବିପ୍ରଚରଣ ବାବୁ କହିଲେ—"ନିଅନ୍ତୁ ସବିତା ଦେବୀ, ଗରିବ ଘରେ ଟିକିଏ ଜଳଖିଆ କରନ୍ତୁ ।"

ସବିତା ନୀରବରେ ତଳକୁ ମୁହଁ କରି ଖାଇ ବସିଲା । ବିପ୍ରବାବୁ ଢୋକ ଗିଳି ଧୀରେ ଧୀରେ ଦୋଷୀ ପରି କହିଲେ—"ସେ ଦିନର ସେହି ନିର୍ଲଜ ଅପମାନ ପରେ ଆପଣ ଯେ ପୁଣି ଏହି ହତଭାଗା ଘରକୁ ଆସିବେ, ଏତେଟା ଆଶା ମୁଁ କରିନଥିଲି । ଆଜି ପୁଣି ଥରେ ମୋର ବ୍ୟବହାର ପାଇଁ ମୁଁ ଆପଣଙ୍କୁ କ୍ଷମା ମାଗୁଛି ।"

ସବିତା ଥରେ ପରିପୂର୍ଣ୍ଣ ଦୃଷ୍ଟିରେ ବିପ୍ରଚରଣ ବାବୁଙ୍କ ମୁହଁକୁ ଚାହିଁଲା । ଏଇ କେତେଦିନ ଭିତରେ ବିପ୍ରବାବୁଙ୍କର ଚେହେରା ବଡ଼ ମଳିନ ଓ ଶୁଷ୍କ ହୋଇ ଉଠିଛି । ଆଖି ତଳେ କଳାଗାର ପଡ଼ିଗଲାଣି । ମୁହଁର ହନୁ ହାଡ଼ ବାରି ହୋଇ ଯାଉଛି । ମୁଣ୍ଡରେ ବୋଧହୁଏ ଅଧିକା କେତେକ ବାଳ ପାଚି ଯାଇଛି । ତା'ଛଡ଼ା ଲୋକଟା ଯେପରି ବୟସରେ ଆହୁରି ଦଶବର୍ଷ ବଢ଼ିଗଲା ପରି ମନେ ହେଉଛି । ସବିତା କୁଣ୍ଠିତ କଣ୍ଠରେ କହିଲା—ଆପଣ ମିଛରେ ବ୍ୟସ୍ତ ହେଉଛନ୍ତି । ମୁଁ ଅପମାନିତ ହେଲିଭଳି [illegible] ।"

—"ଆପଣ ମୋତେ ଭୁଲାଇବା ପାଇଁ ମନରଖା କଥା କହୁଛନ୍ତି । ଯଦି ବାସ୍ତବିକ୍ ଆପଣ ଅପମାନ ବୋଧ ନ କରନ୍ତନ୍ତି, ତା'ହେଲେ ପୂର୍ବେ ଏକ ସପ୍ତାହ ହେଲା ଆପଣ ମେନକାଙ୍କୁ ପଢ଼ାଇବାକୁ ଆସି ପାରୁନାହାନ୍ତି କାହିଁକି ? ଯଦି ପଢ଼ାଇବା କାର୍ଯ୍ୟ ପ୍ରତି ଆପଣ ଆଉ ଇଚ୍ଛୁକ ନୁହନ୍ତି, ତା' ହେଲେ ଗତ ମାସର ପାରିଶ୍ରମିକ ମଧ୍ୟ ଆପଣ ନେଉ ନାହାନ୍ତି କାହିଁକି ? ଏ ସବୁ ମୂଳରେ ଆପଣଙ୍କର ଗୋଟାଏ ଦୁର୍ଦ୍ଦମ ଅଭିମାନ ଯେ କାର୍ଯ୍ୟ କରୁଛି, ଏକଥା ମଧ୍ୟ ବିଶ୍ୱାସ କରିବାକୁ ଆପଣ କ'ଣ ମୋତେ ମନା କରିବେ ?"

ସନ୍ତୋଷ ଜଳଖିଆ ଖିଆ ସରିଥିଲା । ସେ ହାତ ଧୋଇ ବିପ୍ରଦାସଙ୍କ ନିକଟରେ ବସି କହିଲା—"ଆପଣଙ୍କ ବ୍ୟବହାରରେ ମୋର ଅସମ୍ମାନିତ ହେବାର କୌଣସି କାରଣ ନାହିଁ । ମୁଁ ଏତେ ଦିନ ଯାଏଁ ମେନକାଙ୍କୁ ପଢ଼ାଇବାକୁ ଆସି ପାରିନି ନାହିଁ, ଏହା ମୂଳରେ ମୋର ଅଭିମାନ ନ ଥିଲା । ମାତ୍ର ଏହା ମୂଳରେ ମୋର ଅବସର ନ ଥିଲା । ଅର୍ଥାତ୍ ଏତେ ଦିନ ହେଲା ମୁଁ ଆପଣଙ୍କ ପ୍ରଶ୍ନର ଏକ ସନ୍ତୋଷଜନକ ଉତ୍ତର ଖୋଜୁଥିଲି । ଆପଣଙ୍କ ପ୍ରସ୍ତାବର ବିଚାର କରୁଥିଲି ।"

[illegible] ଉଠିଲେ । ଆଶା ଓ ଆନନ୍ଦର [illegible] ଗଲେ । [illegible] ମନୋଗତ ସନ୍ଦର୍ଭ [illegible] ବସି [illegible]—'ସି ସନ୍ତୋଷଜନକ ଉତ୍ତର ଆପଣ [illegible] ଦେବେ, କେଉଁ ସମାଧାନରେ ପହଞ୍ଚିଲେ ?'

ସବିତା ଲଜ୍ଜାବନତ ଦୃଷ୍ଟିରେ ତଳକୁ ମୁହଁ କରି ସରମ ବେଗର ହୃଦୟରେ ଧୀର କଣ୍ଠରେ କହିଲା—ମୁଁ ଆପଣଙ୍କର ସଂସାର ଦାୟିତ୍ୱ ମୁଣ୍ଡାଇବାକୁ ରାଜି ଅଛି ।'

'ଏଁ' ! ବିସ୍ମୟ ପୁଲକିତ ଦୃଷ୍ଟିରେ ବିପ୍ରଚରଣ ବାବୁ ଚାହିଁ ରହିଲେ ।

ସବିତା କହିଲା—'ହଁ, ମୁଁ ଆପଣଙ୍କର ସଂସାର ଦାୟିତ୍ୱ ନେବି । ତେବେ ମୋର କେତେକ ସର୍ତ୍ତ ଆପଣଙ୍କୁ ରଖିବାକୁ ପଡ଼ିବ ।'

—'ଆପଣ ଯାହା କହିବେ, ତାହାହିଁ ହେବ ସବିତା ଦେବୀ ! ଆପଣ ଏ ଘରର କର୍ତ୍ତ୍ରୀ । ଆପଣ ଇଚ୍ଛା କଲେ ମୋତେ ଦୁଇଟା ଖାଇବାକୁ ଦେଇ ପାରନ୍ତି ନ ଦେଇ ବି ପାରନ୍ତି । ମୁଁ ମୋଟେ ପ୍ରତିବାଦ କରିବି ନାହିଁ ।'

ବିପ୍ର ବାବୁଙ୍କର ଏହି ବାକ୍ୟାବଳୀ ଶୁଣି ସବିତା ଖିଲ ଖିଲ କରି ହସି ଉଠିଲା । ଧମକ ଦେଇ କହିଲା—'ଚୁପ କରନ୍ତୁ ! ମୋର ସର୍ତ୍ତ ସମ୍ବନ୍ଧରେ ଆପଣ ପ୍ରଥମେ ଶୁଣନ୍ତୁ ।'

—'କହନ୍ତୁ' । ବିପ୍ରବାବୁ ଗମ୍ଭୀର ହୋଇ ସୁନା ପିଲା ପରି ବସି ରହିଲେ ।

ସବିତା ତା'ର ବଂଶ ପରିଚୟ, ଅଜ୍ଞାତ ଇତିହାସ ଓ ଏ ସହରକୁ ଚାକିରି କରି ଆସିବା ପରେ ଯାହା ଯାହା ଅଭିଜ୍ଞତା ଅର୍ଜନ କରିଛି, ସେ ସମସ୍ତ କହି ସାରିବା ପରେ ମୃଦୁ କଣ୍ଠରେ କହିଲା—'ସେଇଦିନୁ ଜୀବନରେ ବିବାହ କରିବି ନାହିଁ ବୋଲି ପ୍ରତିଜ୍ଞା କରିଥିଲି । ଦୁଇଟି ଅନାଥ ପିଲାଙ୍କୁ ମଣିଷ କରିବା ମୋ ଜୀବନରେ ପ୍ରଧାନ କର୍ତ୍ତବ୍ୟ ହୋଇ ଉଠିଥିଲା । ସେହି ଉଦ୍ଦେଶ୍ୟରେ ମୋତେ ଏ ଦୂର ଦେଶରେ ଚାକିରି କରିବାକୁ ପଡ଼ିଲା । ତା' ପରେ ଚାକିରି ଜୀବନରେ ଯେଉଁସବୁ ତିକ୍ତ ଅଭିଜ୍ଞତା ମୋର

ବାବୁଙ୍କ ମାନସପଟରେ ଅତୀତ ଦିନର ଏକ କମନୀୟ ଛବି ଫୁଟି ଉଠିଲା । ପାଖ ପନ୍ଦର ବର୍ଷ ତଳେ ଏମିତି ଜଣେ ଅବଗୁଣ୍ଠନବତୀ ତନ୍ୱୀ ମଧୁଶଯ୍ୟା ଉପରେ ତାଙ୍କର ପାଦ ସ୍ପର୍ଶ କରି ପ୍ରଣାମ କରି-ଥିଲା । ଆଜି ସେହି ସ୍ମୃତି ମନେ ପଡ଼ି ତାଙ୍କର ଆଖି ସଜଳ ହୋଇ ଉଠିଲା । ସେ ନିର୍ବାକ ନିସ୍ପନ୍ଦ ଭାବରେ ଛିଡ଼ା ହୋଇ ରହିଲେ ।

ସବିତାର ଖିଲ୍ ଖିଲ୍ ହସରେ ବିପ୍ରବାବୁଙ୍କର ଚେତନା ଫେରି ଆସିଲା । ସବିତା କହିଲା—"ବାପ୍‌ରେ, ଏକାଥରକେ ଧ୍ୟାନମଗ୍ନ ସୌମ୍ୟ ମୂର୍ତ୍ତି । ମୋତେ ନେଇ ପୁଣି କବିତା ଲେଖିବାର ବାସନା ଜାଗିଲା କି ? ପୁଣି ସେହି ପୁରୁଣା ରୋଗ ଉଜୁଡ଼ିଲାଣି ପରା ?

ବିପ୍ରବାବୁ ହସିଲେ । କହିଲେ—"କବିତା ଆଉ ଲେଖିବି ନାହିଁ ସବିତା ! ଏଥର ମୂର୍ତ୍ତିମନ୍ତ କବିତାର ସାଧନା କରିବି ।"

—"ଇସ୍ ! ଏ କବିତା ଶତ ସାଧନାରେ ଠେଲିବା ଜନ୍ତୁ ନୁହନ୍ତି । ତୁମର ବକ୍ତୃତା ବନ୍ଦ କର । ମୋ ପୁଅମାନଙ୍କୁ ମୋତେ ଦିଅ ।"

ବିପ୍ରବାବୁ ଆନନ୍ଦ ଉଦ୍‌ବେଳିତ ଚିତ୍ତରେ ଧାଇଁ ଯାଇ ଦୁଇ ପୁଅଙ୍କୁ କାଖେଇ କୁଣ୍ଢେଇ ଆଣି ସବିତା ପାଖରେ ଛିଡ଼ାଇଦେଲେ । କହିଲେ—"ନିଅ, ସମ୍ଭାଳ ଏଥର ।"

ପୁଅ ଦୁଇଟି ଦେଖିବାକୁ ସୁନ୍ଦର, ସୁଡୌଲ ଆଉ ଜଉକୁଳିଆ । ତାଙ୍କ ବାପ ପରି ଚଞ୍ଚଳ ଆଖିରେ ତୋଟାଏ କରୁଣତା ଆଉ ସୌମ୍ୟ ଭାବ ଫୁଟି ରହିଛି । ବଡ଼ଟି ଛ' ବର୍ଷର ଆଉ ସାନଟି ଚାରି ବର୍ଷର । ଏଇ ଅପରିଚିତା ନାରୀ ନିକଟରେ ଦୁଇ ଭାଇଟି ଭୟ ଓ ସଙ୍କୋଚରେ ଜଡ଼ସଡ଼ ହୋଇଗଲେ । ବିପ୍ରବାବୁ ତାଙ୍କୁ ଆଦର କରି କହିଲେ—"ବାବୁ, ଟିପୁ, ଏତେ ଦିନ ପରେ

ତୁମ ମା' ପରା ଆସିଛନ୍ତି । ଦେଖ, ସେଠି ବସିଛନ୍ତି । ତାଙ୍କ କୋଳକୁ ଯାଅ ।"

ଛୁଆ ଦୁଇଟି ଅତି ଭୟପ୍ରଶଙ୍କିତ ଦୃଷ୍ଟିରେ ସବିତାକୁ ଚାହିଁଲେ । ବଡ଼ ବଡ଼ ଆଖି କରି କୌତୁହଳରେ କେବଳ ଚାହିଁ ରହିବା ଛଡ଼ା ସବିତା ନିକଟକୁ ଯିବାର ସାହସ ସଞ୍ଚୟ କରି ପାରିଲେ ନାହିଁ । ସବିତା ସେମାନଙ୍କୁ ସ୍ନେହ-କରୁଣ ଦୃଷ୍ଟିରେ ଚାହିଁ ହସିଲା । ଦୁଇ ହାତ ବଢ଼ାଇ କହିଲା—"ବାବୁ, ଟିପୁ, ମୋ ପାଖକୁ ଆସ । ମୁଁ ପରା ତୁମ ମା ।"

ସହସା ସେହି ମାତୃହରା, ସ୍ନେହ-କାଙ୍ଗାଳ ଶିଶୁ ଦୁଇଟି ସବିତା କୋଳକୁ ଡେଇଁ ପଡ଼ି ଉଚ୍ଚ ସ୍ୱରରେ କାନ୍ଦିଉଠିଲେ । ଛ' ବର୍ଷର ବାବୁ ସବିତାର କଟିଦେଶ ଦୁଇ ହାତରେ ଜାବୁଡ଼ି ଧରି ତା'ର କୋଳରେ ମୁହଁ ମାଡ଼ି କରି କରି ହୋଇ କାନ୍ଦୁଛି ଆଉ ଚାରି ବର୍ଷର ଟିପୁ ତା' କୋଳରେ ବସି ଗୋଟାଏ ହାତରେ ତା'ର ଗଳା ଜଡ଼ାଇ ଧରିଛି, ଆଉ ଅନ୍ୟ ହାତରେ ସବିତା ପିଠିରେ ଛଧା ମାରୁଛି । ଆଉ କାନ୍ଦ କାନ୍ଦ କଣ୍ଠରେ ଅଭିଯୋଗ କରୁଛି—"ମା, ମତେ ଛାଡ଼ିଦେଇ ତୁ କେଉଁଠିକି ଯାଇଥିଲୁ ?"

ଏହି ସ୍ନେହପାଗଳ ଶିଶୁ ଦୁହିଁଙ୍କ ହୃଦୟରେ ଆଜି ମାତୃ-ସ୍ନେହ ଫେରି ପାଇଥିବା ଫଳରେ ଆନନ୍ଦରେ ଜୁଆର ଫିଟିଛି । ସେଣୁ ଦୁହିଁଙ୍କ ଆଖିରୁ ଅଶ୍ରୁର ବନ୍ୟା ଛୁଟିଛି । ଏହି ଦୁଇ ଶିଶୁଙ୍କ ସହିତ ଅଶ୍ରୁ ମିଶାଇ ସବିତା କରି କରି ହୋଇ କାନ୍ଦୁଛି । ସବିତା ଟିପୁର ଲୁହ ପୋଛି କହିଲା—"ମୁଁ ଅବା ବାଟବଣା ହୋଇଥିଲି ଟିପୁ ! ବହୁତ ଖୋଜି ଖୋଜି, ବହୁ କଷ୍ଟରେ ଆସି ତୁମମାନଙ୍କୁ ପାଇଲି ।"

—"ମୋ ପାଇଁ କ'ଣ ଆଣିଛୁ ମା, ମୋତେ ଦେ ।" ଟିପୁ, ପଚାରିଛି ।

—"ମୁଁ ତୋର ଗରିବ ମା' ରେ ଟିପୁ । ତୁମମାନଙ୍କୁ ଦେବାଲାଗି ମୋ ପାଖରେ କିଛି ନାହିଁରେ ପୁଅ । କେବଳ ଏହି ବୁକୁ ତଳରେ ତୁମମାନଙ୍କ ପାଇଁ ଅସରନ୍ତି ସ୍ନେହ ଭରିଆଣିଛି ।" ସବିତା ବାବ ଓ ଟିପୁକୁ ଅସରନ୍ତି ଚୁମାରେ ଚୁମାରେ ଆଚ୍ଛନ୍ନ କରିଦେଲା ।

ବିପ୍ରଚରଣ ବାବୁ ଏହି ଅଚିନ୍ତମାୟ କରୁଣ ଦୃଶ୍ୟ ଦେଖି ଆଉ ଅଶ୍ରୁ ସମ୍ବରଣ କରି ପାରିଲେ ନାହିଁ । ଆଖିର ଲୁହ ଲୁଚାଇବା ପାଇଁ ସେ ଅନ୍ୟ ଦିଗକୁ ମୁହଁ ଫେରାଇ ଆଖିରେ କ'ଣ ପଡ଼ିଥିବାର ଛଳନା କରି ସେଥିରେ ପିନ୍ଧାଜାନ ମଡ଼ି ଧରିଲେ ।

---

Edited, Printed & Published by B. Bhuyan for Jana-Sahitya-Prakashan at Krushak Press, Cuttack—1.